## ନିଟ୍-ୟୁଜି ୨୦୨୬ ପରୀକ୍ଷା ବାତିଲ ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣା

# ପରୀକ୍ଷା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କ ଭରସାକୁ ଆଘାତ କରିଛି : ରୋହିତ

ସମ୍ବଲପୁର, ୧୨।୫ (ସମିସ)

ନିଟ୍-ୟୁଜି ୨୦୨୬ ପରୀକ୍ଷା ବାତିଲ ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣା ଦେଶର ପରୀକ୍ଷା ବ୍ୟବସ୍ଥା ଉପରେ ଛାତ୍ରଛାତ୍ରୀଙ୍କର ଭରସାକୁ ଗୁରୁତର ଭାବେ ଆଘାତ କରିଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଲକ୍ଷ ଲକ୍ଷ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଓ ଭବିଷ୍ୟତ ସହ ଅନ୍ୟାୟ। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଚିନ୍ତାଜନକ ଘଟଣା, ଯେଉଁ ଛାତ୍ରଛାତ୍ରୀମାନେ ବର୍ଷରୁ ବର୍ଷ କଠିନ ପରିଶ୍ରମ, ଶୃଙ୍ଖଳା ଓ ନିଦ୍ରାହୀନ ହୋଇ ଦିନ ରାତି ଧରି ପ୍ରସ୍ତୁତି କରୁଛନ୍ତି, ସେମାନଙ୍କ ଭବିଷ୍ୟତ ସହ ଏପରି ଖେଳ କେବେବି ଗ୍ରହଣଯୋଗ୍ୟ ନୁହେଁ। ସେ କହିଛନ୍ତି ଯେ, ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତାର ଘଟଣା ଏହା ପ୍ରଥମ ନୁହେଁ। ବାରମ୍ବାର ଏପରି ଘଟଣା ଘଟିବା ଫଳରେ ଛାତ୍ରଛାତ୍ରୀଙ୍କ ମନରେ ଚିନ୍ତା, ନିରାଶା ଓ ଅବିଶ୍ୱାସ ବଢୁଛି। ସତ୍ୟନିଷ୍ଠ ଓ ଯୋଗ୍ୟ ପରୀକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ଭାଙ୍ଗି ପଡୁଛି। ଇଂ ପୂଜାରୀ ଦାବି କରିଛନ୍ତି ଯେ, ସମଗ୍ର ଘଟଣାର ନିଷ୍ପକ୍ଷ, ସ୍ୱଚ୍ଛ ଓ ସମୟବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ। ସେ କହିଛନ୍ତି ଯେ, ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ ସହ କୌଣସି ପ୍ରକାରର ସମ୍ମତି କରାଯାଇ ପାରିବ ନାହିଁ। ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଓ ବିଶ୍ୱସନୀୟତାକୁ ପୁନଃସ୍ଥାପିତ କରିବା ଅତ୍ୟନ୍ତ ଅବଶ୍ୟକ, ଯାହା ଫଳରେ ଛାତ୍ରଛାତ୍ରୀଙ୍କର ଭରସା ପୁନର୍ବାର ସୁଦୃଢ଼ ହୋଇପାରିବ। ବିଜୁ ଜନତା ଦଳ, ସମ୍ବଲପୁର ପକ୍ଷରୁ ନ୍ୟାୟ ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ଏହି ସଂଗ୍ରାମରେ ସମ୍ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି କହିଛନ୍ତି।

## ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ପ୍ରତିବାଦ

ନିଟ୍-ୟୁଜି ୨୦୨୬ ପରୀକ୍ଷାରେ ପେପର ଲିକ୍ ଅଭିଯୋଗ ଏବଂ ଏନ୍‌ଟିଏ ପକ୍ଷରୁ ପରୀକ୍ଷା ବାତିଲ ଘଟଣାକୁ ନେଇ ଆଜି ପ୍ରୋଗ୍ରେସିଭ୍ ସମ୍ବଲପୁର ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏବଂ ସମ୍ବଲପୁରର ବୁଦ୍ଧିଜୀବୀମାନେ ଯୋଗଦେଇ କେନ୍ଦ୍ର ସରକାର ଓ ଏନ୍‌ଟିଏ ବିରୋଧରେ କ୍ଷୋଭ ପ୍ରକାଶ କରିଥିଲେ। ଦେଶର ଯୁବ ସମାଜର ଭବିଷ୍ୟତ ସହ ଏଭଳି ଖେଳ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ। ଏହି ଘଟଣା ଛାତ୍ରଛାତ୍ରୀଙ୍କ ମାନସିକ ଚାପ ବଢ଼ାଇବା ସହ ତାଙ୍କ ଭବିଷ୍ୟତକୁ ଅନିଶ୍ଚିତତା ମଧ୍ୟରେ ପକାଇଦେଇଛି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ନିଟ୍ ପେପର ଲିକ୍ ଘଟଣାର ନିଷ୍ପକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଦେଶର ପରୀକ୍ଷା ପ୍ରଣାଳୀକୁ ରାଜନୀତିରୁ ଦୂରେ ରଖି ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ବ୍ୟବସ୍ଥା ଗଢ଼ାଯାଉ ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଦାବି କରାଯାଇଥିଲା। ଶ୍ରମିକ ନେତା ଗଦାଧର




କୁଅଁର, ଗୋକୁଳ ମେହେର, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ଚାଷୀ ନେତା ସରୋଜ ମହାନ୍ତି, ନଟୁ ଗୋପାଳ, ପରଭେଜ ଅଲିଖାଁ, ଆଲେଖିକା ପାଣି, ମନୋଜ ମହାପାତ୍ର, ପ୍ରଶାନ୍ତ ଥାପା, ଯୁବ ନେତା ସୁମିତ ପଟେଲ, ଛାତ୍ର ନେତା ଚୁମନ ପ୍ରଧାନ, ଭୂପେନ ସାହୁ, ରାଜକୁମାର ଛୁରା, ରତ୍ନା ବାଗ, ଶିବୁ ସେଠ, ଆର୍ଯ୍ୟନ ନାୟକ, ଆକାଶ ବିଶ୍ୱାଳ, ଗୌରବ ବିଶି, ତନ୍ମୟ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରୋଗ୍ରେସିଭ ସମ୍ବଲପୁର ସହ ଆବାହକ ଦେବଜ୍ୟୋତି ପଟ୍ଟନାୟକ ପରିଚାଳନାର ସହଯୋଗ କରିଥିଲେ।

## ଦେଶର ଶିକ୍ଷା ବ୍ୟବସ୍ଥା ପାଇଁ ବଡ଼ କଳଙ୍କ : ସଞ୍ଜିତ

ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ନେସନାଲ ଟେଷ୍ଟିଙ୍ଗ ଏଜେନସି (ଏନ୍‌ଟିଏ) ବାତିଲ କରିବା ଘଟଣାକୁ ନେଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି କେନ୍ଦ୍ର ସରକାରଙ୍କ ଅପାରଗତା ଓ ଶିକ୍ଷା ପ୍ରତି ଅବହେଳାର ନିଦର୍ଶନ ବୋଲି ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ଦେଶର ସର୍ବବୃହତ ଚିକିତ୍ସା ପ୍ରବେଶିକା ପରୀକ୍ଷାରେ ପୁନଃ ପେପର୍ ଲିକ୍ ଅଭିଯୋଗ ଓ ପରୀକ୍ଷା ବାତିଲ ଘଟଣା କେନ୍ଦ୍ର ସରକାରଙ୍କ ଚରମ ବିଫଳତା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୁର୍ବଳ ପରିଚାଳନାକୁ ପ୍ରକାଶ କରିଛି। ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀ ଦିନରାତି ପରିଶ୍ରମ କରି ପରୀକ୍ଷା ଦେଉଥିବା ବେଳେ କେନ୍ଦ୍ର ସରକାର ନିରାପଦ ଓ ସ୍ୱଚ୍ଛ ପରୀକ୍ଷା ପରିଚାଳନା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ୨୦୨୪ ମସିହାରେ ନିଟ୍-ୟୁଜି ପରୀକ୍ଷାରେ ପେପର୍ ଲିକ୍ ଓ ଅନିୟମିତତା ନେଇ ସାରା ଦେଶରେ ବିବାଦ ସୃଷ୍ଟି ହୋଇଥିଲା। ସେହି ଘଟଣାରୁ ଶିକ୍ଷା ନ ନେଇ ପୁଣି ୨୦୨୬ ରେ ସେହିପରି ସ୍ଥିତି ସୃଷ୍ଟି ହେବା ଦେଶର ଶିକ୍ଷା ବ୍ୟବସ୍ଥା ପାଇଁ ଏକ ବଡ଼ କଳଙ୍କ ବୋଲି କହିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ପରୀକ୍ଷା ପ୍ରଣାଳୀର ସୁରକ୍ଷା ପ୍ରତି ସରକାରଙ୍କ କୌଣସି ଗୁରୁତ୍ୱ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଯାଇଛି। ଆହୁରି ମଧ୍ୟ ଶ୍ରୀ ମହାନ୍ତି କହିଛନ୍ତି ଯେ, ନିଟ୍-ୟୁଜି ୨୦୨୬ ବାତିଲ ହେବା ଦ୍ୱାରା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତି ପ୍ରଭାବିତ ହେଇଛି। ବର୍ଷବର୍ଷ ଧରି ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀ ମାନେ ଏବେ ଅନିଶ୍ଚିତତା ଓ ଚାପରେ ଅଛନ୍ତି। ଏହା କେବଳ ଏକ ପରୀକ୍ଷା ବାତିଲ ଘଟଣା ନୁହେଁ, ବରଂ କେନ୍ଦ୍ର ସରକାରଙ୍କ ଅବହେଳା, ଅଦକ୍ଷତା ଓ ଦୁର୍ବଳ ପରିଚାଳନାର ପ୍ରତିଫଳନ ବୋଲି କହିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାକୁ ରାଜନୀତିରୁ ଦୂରରେ ରଖି ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ପରୀକ୍ଷା ପରିଚାଳନା ପାଇଁ ଓ ପ୍ରଶ୍ନ ପତ୍ର ଲିକ୍‌ରେ ଦୋଷୀଙ୍କ ବିରୋଧରେ କେନ୍ଦ୍ର ସରକାର ତୁରନ୍ତ କଠୋର ପଦକ୍ଷେପ ନେବା ପାଇଁ ଦାବୀ କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଛାତ୍ର ମୃତ

ସମ୍ବଲପୁର, ୧୨।୫ (ସମିସ): ସୋମବାର ରାତି ପ୍ରାୟ ୧୨ଟା ସମୟରେ ସମ୍ବଲପୁର ରିଂରୋଡ୍‌ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏଥିରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଝାଡୁଆପଡ଼ା ନିକଟସ୍ଥ ରିଂରୋଡରେ ବୁଲେଟ୍‌ଟି ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହେବାରୁ ଏହି ଦୁର୍ଘଟଣା ଘଟିଛି। ଭିସୁଟ୍ ଛାତ୍ର ବାଇକ୍ ଚାଳକ ଧନୁପାଲି ବାସିନ୍ଦା ରଞ୍ଜନ ପଣ୍ଡା (୨୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ତାଙ୍କ ପଛରେ ବସିଥିବା ରେଳନଗରର ଆୟୁଷ କୁମାର ନାଏକ (୨୦) ଗୁରୁତର ଆହତ ହୋଇଥିବା କ୍ଷେତରାଜପୁର ପୁଲିସ ସୂଚନା ଦେଇଛି।

## ଲଜ୍‌ରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

କୁଚିଣ୍ଡା, ୧୨।୫(ସମିସ): କୁଚିଣ୍ଡାସ୍ଥିତ ଏକ ଲଜରେ ସୁନ୍ଦରଗଡ଼ ଜିଲ୍ଲା ସୀମାନ୍ତବର୍ତ୍ତୀ ସୋଲ, ସୁଗୁଡାଗ୍ରାମର ପ୍ରଦୀପ କୁମାର କାଲୋ (୨୭) ଓ ମହୁଲପାଲି ଥାନା ଅଞ୍ଚଳର ଜଣେ ୨୩/୨୪ ବର୍ଷୀୟ ଯୁବତୀ ଲଜରେ ସୋମବାର ରାତ୍ରିଯାପନ କରିଥିଲେ। ଉଭୟଙ୍କ ମଧ୍ୟରେ କଣ ହେଲା କେଜାଣି ଯୁବକ ଜଣକ ଲଜ ଭିତରେ ଦଉଡି ଦେଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଯୁବତୀ ଜଣକ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ମଙ୍ଗଳବାର ଭୋରୁ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର କରିଥିଲେ। ବୁର୍ଲା ଡାକ୍ତରଖାନାରେ ଯୁବକ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏନେଇ କୁଚିଣ୍ଡା ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇନଥିବା ବେଳେ ଡାକ୍ତରଖାନାର ରେଜିଷ୍ଟରରେ ମଧ୍ୟ ଉଲ୍ଲେଖ ହୋଇନଥିବା ଜଣାପଡ଼ିଛି।

## କଫସିରପ୍ ଜବତ, ଜଣେ ଗିରଫ

ସମ୍ବଲପୁର, ୧୨।୫ (ସମିସ): ଧନୁପାଲି ଥାନା ପୁଲିସ କଫସିରପ୍ କାରବାର କରୁଥିବା ଜଣେ ଯୁବକକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପୁଲିସ ମାଉଲି ନଗର, ଚାରବାଟି ଅଞ୍ଚଳରେ ଚଢ଼ଉ କରି ମୋତିଝରଣ ଅଞ୍ଚଳର ମହମ୍ମଦ ସମିର ଓରଫ୍ ମନୁ (୨୨)ଠାରୁ ୧୨ଟି କଫସିରପ୍, ୨୦ ଲିଟର ମଦ ଏବଂ ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା ଜବତ କରିଛି। ପୁଲିସ କେସ ନଂ. ୧୭୨/୨୦୨୬ ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି।

# ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ, ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୨।୫ (ସମିସ) : ଜଣେ ମହିଳାଙ୍କ ଅଶ୍ଳୀଳ / ବ୍ୟକ୍ତିଗତ ଫଟୋ ଭାଇରାଲ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଅତିରିକ୍ତ ଏସ୍‌ପି ଶଶାଙ୍କ ଶେଖର ବେହୁରା ସୂଚନା ଦେଇଛନ୍ତି। ଛି। ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଥାନା, ସମ୍ବଲପୁର କେସ୍ ନଂ. ୯/୧୮-୩-୨୦୨୬ ଦଫା ୭୮/୭୯/୩୧୯(୨) ବିଏନ୍‌ଏସ୍/ ଧାରା ୬୭/୬୭(ଏ) ଆଇଟି ଆଇନ୍ ଅନୁଯାୟୀ ୭୮/୭୯/୩୧୯(୨) ବିଏନ୍‌ଏସ୍/ ଧାରା ୬୬(ସି)/୬୭/୬୭(ଏ) ଆଇଟି ଆଇନ୍‌ରେ ମାମଲା ରୁଜୁ ହୋଇଛି।

ଅତିରିକ୍ତ ଏସପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦେବଗଡ଼ ଜିଲାର ଲିଟେନ କିଷାନ(୨୮)ଙ୍କ ସହ ପୀଡ଼ିତା ଯୁବତୀଙ୍କ ବିବାହ ସ୍ଥିର ହୋଇଥିଲା। ସମ୍ପର୍କ ମଧ୍ୟରେ ଅଭିଯୁକ୍ତ ଜଣକ ଗୋପନରେ ଯୁବତୀଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ ଓ ଭିଡିଓ ଉଠାଇଥିଲା। ପରେ ଯୁବତୀଙ୍କୁ ବିବାହ କରିବାକୁ ମନା କରିବାସହ ଅନ୍ୟତ୍ର ବିବାହ କରିବାକୁ ଉଦ୍ୟମ କଲେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବାକୁ ସେ ଧମକ ଦେଇଥିବା ପିଡ଼ିତା ଅଭିଯୋଗ କରିଛନ୍ତି। ପୁଲିସର ତଦନ୍ତ ସମୟରେ ଜଣାଗଲା ଯେ, ଅଭିଯୁକ୍ତ ଇନଷ୍ଟାଗ୍ରାମରେ ଏକ ନକଲି ଆକାଉଣ୍ଟ ଖୋଲି ସେଥିରେ ଯୁବତୀଙ୍କର ଅଶ୍ଳୀଳ ଫଟୋ ଓ ଭିଡିଓ ଅପଲୋଡ କରିଥିଲେ। ଏନେଇ ଯୁବତୀଙ୍କ ଅଭିଯୋଗ ପରେ ବିଭିନ୍ନ ବୈଷୟିକ ପଦ୍ଧତିରେ ତଦନ୍ତ କରି ପୋଲିସ ସେହି ନକଲି ଆକାଉଣ୍ଟଟି ଲିଟେନଙ୍କ ମୋବାଇଲ ନମ୍ବର ସହ ସଂଯୁକ୍ତ ଥିବା ଓ ସେ ବେଙ୍ଗାଲୁରୁରେ ରହୁଥିବା ଜାଣିବାକୁ ପାଇଥିଲା। ଏହାବାଦ ସାଇବର ପୁଲିସର ଏକ ଦଳ ବେଙ୍ଗାଲୁରୁରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତ ନିକଟରୁ ଗୋଟିଏ ସ୍ମାର୍ଟଫୋନ୍, ସିମ୍ କାର୍ଡ, ମେମୋରି କାର୍ଡ ଓ ଆଧାର କାର୍ଡ ସହ ଅଶ୍ଳୀଳ ଫଟୋ ଓ ଡିଜିଟାଲ କଣ୍ଟେଣ୍ଟ ଜବତ କରାଯାଇଛି। ପୁଲିସ ଅଭିଯୁକ୍ତ ଲିଟେନଙ୍କୁ ଆଜି କୋର୍ଟଚାଲାଣ କରିଛି।






ପୁଲିସ୍ ପକ୍ଷରୁ ଜନସାଧାରଣଙ୍କୁ ସାମାଜିକ ଗଣମାଧ୍ୟମ କିମ୍ବା ଅଜଣା ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବ୍ୟକ୍ତିଗତ ଫଟୋଗ୍ରାଫ୍, ଭିଡିଓ, ଓଟିପି କିମ୍ବା ବ୍ୟକ୍ତିଗତ ସୂଚନା ସେୟାର ନ କରିବାକୁ ପରାମର୍ଶ ଦିଆଯାଇଛି। ସାଇବର ଉତ୍ପୀଡ଼ନ, ନକଲି ସାମାଜିକ ଗଣମାଧ୍ୟମ ଆକାଉଣ୍ଟ କିମ୍ବା ଅଶ୍ଳୀଳ ବିଷୟବସ୍ତୁ ପ୍ରସାରଣ ସହିତ ଜଡ଼ିତ ଯେକୌଣସି ଘଟଣା ତୁରନ୍ତ ଜାତୀୟ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ କିମ୍ବା ନେସନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ରିପୋର୍ଟ କରାଯାଇପାରିବ ବୋଲି କୁହାଯାଇଛି।

## ବୁଲେଟ୍ ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ସମ୍ବଲପୁର, ୧୨।୫ (ସମିସ) : ବେପରୁଆ ଗାଡ଼ି ଚାଳନା ପୁଣି ନେଲା ଜୀବନ। ଗତକାଲି ବୁଲେଟ୍ ଧକ୍କାରେ ଗୁରୁତର ହୋଇଥିବା ବ୍ୟକ୍ତିଜଣକ ଭିମସାର୍‌ରେ ଚିକିତ୍ସାଧୀନ ଅବସ୍ଥାର ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ବୈଦାର ନୂଆପାଲିର ସମଲେଇ ଗୁଡ଼ିର ଝାଙ୍କର (ପୂଜକ) କୃଷ୍ଣଚନ୍ଦ୍ର ପଟ୍ଟା (୬୭) ଭାଲୁପାଲି ଛକରେ ରାସ୍ତା ପାରି ହେଉଥିବାବେଳେ ଏକ ବୁଲେଟ୍ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଘରୋଇ ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ତାଙ୍କୁ ସଂକଟାପନ୍ନ ଅବସ୍ଥାରେ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି। ଅନ୍ୟପକ୍ଷରେ ବୁଲେଟ୍ ଚାଳକ ମଧ୍ୟ ଆହତ ହୋଇଛନ୍ତି। ଗତକାଲି ଅଇଁଠାପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଲେଟ୍‌କୁ ଜବତ କରିଥିଲା।



ଭାଲୁପାଲି ଛକ ଓ ସିନ୍ଦୂରପଙ୍କ ନିକଟସ୍ଥ ଛକରେ ନିୟମିତ ଭାବେ ଦୁର୍ଘଟଣା ଘଟୁଥିବାରୁ ଏନେଇ ଏକ ଟିମ୍ ଗଠନ କରି ରାସ୍ତା ନିର୍ମାଣରେ ତ୍ରୁଟି ସଂଶୋଧନ ଏବଂ ଅନ୍ୟ ପ୍ରସ୍ତାବ ଦେବାସହ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

## ରାଜନ ପଣ୍ଡାଙ୍କ ବିୟୋଗରେ ଶୋକ

ସମ୍ବଲପୁର, ୧୨।୫ (ସମିସ): ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ସମ୍ବଲପୁରୀ ଧନୁଯାତ୍ରା କମିଟିର ସହ ସମ୍ପାଦକ ଛତାବର ଗ୍ରାମର ଦୁଷ୍ମନ୍ତ ପଣ୍ଡା (ମଣ୍ଟୁ) ଙ୍କ ଜ୍ୟେଷ୍ଠ ପୁତ୍ର ରାଜନ ପଣ୍ଡାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ, ସମ୍ବଲପୁର ଉପକଣ୍ଠସ୍ଥ ଛତାବର ଗ୍ରାମର ତଥା ସମ୍ବଲପୁରୀ ଧନୁଯାତ୍ରା କମିଟିର ସହ ସମ୍ପାଦକ, ମୋର ଘନିଷ୍ଠ ଭାଇ ମଣ୍ଟୁ ପଣ୍ଡାଙ୍କ ପୁତ୍ର ରାଜନ ପଣ୍ଡାଙ୍କ ସଡ଼କ ଦୁର୍ଘଟଣାରେ ଦେହାନ୍ତ ଖବର ଶୁଣି ମୁଁ ଗଭୀର ଭାବରେ ମର୍ମାହତ ଏବଂ ଦୁଃଖିତ। ରାଜନଙ୍କୁ ମଧ୍ୟ ମୁଁ ବ୍ୟକ୍ତିଗତ ଭାବରେ ଜାଣିଥିଲି। ଏଭଳି ଦୁଃଖଦ ସମୟରେ ଭାଇ ମଣ୍ଟୁ ଏବଂ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଉଛି। ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ଏବଂ ଆତ୍ମାର ସଦଗତି ନିମନ୍ତେ ମା’ ସମଲେଶ୍ୱରୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।



ସେହିପରି ଶ୍ରୀ ବ୍ରଜ ଗିରିରାଜ ସେବା ସଂସ୍ଥାନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ନୂଆଁଖାଇ ଭେଟଘାଟ “ଜୀଇଁ ଥିଲେଁ ବର୍ଷେ” ର ସକ୍ରିୟ ସଦସ୍ୟ ଦୁଷ୍ମନ୍ତ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ରାଜନ୍ ପଣ୍ଡାଙ୍କ ଦୁର୍ଘଟଣାଜନିତ ଅକାଳ ବିୟୋଗ ସମସ୍ତଙ୍କୁ ଅତ୍ୟନ୍ତ ମର୍ମାହତ ଓ ଶୋକାକୁଳ କରିଛି। ଅତ୍ୟନ୍ତ କମ୍ ବୟସରେ ରାଜନ୍‌ଙ୍କ ପରଲୋକ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ହସମୁଖ ବ୍ୟକ୍ତିତ୍ୱ, ସରଳ ବ୍ୟବହାର ଓ ପରିବାର ପ୍ରତି ଆତ୍ମୀୟତା ସମସ୍ତଙ୍କ ହୃଦୟରେ ଚିରସ୍ମରଣୀୟ ହୋଇ ରହିବ। ଏହି ଶୋକାକୁଳ ମୁହୂର୍ତ୍ତରେ ଶ୍ରୀ ବ୍ରଜ ଗିରିରାଜ ସେବା ସଂସ୍ଥାନ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ବିପିନ ବିହାରୀ ନନ୍ଦ, ଉପଦେଷ୍ଟା ଗିରୀଶ ପଟେଲ, ବେଣୁଧର ଦାଶ, ରାଜେନ୍ଦ୍ର ପଣ୍ଡା, ବୁଲୁ ବିଶ୍ୱାଳ, ପଣ୍ଡିତ ମନମୋହନ ପାଣିଗ୍ରାହୀ, ଶରତଚନ୍ଦ୍ର ପାଢ଼ୀ, ଅରବିନ୍ଦ ନାୟକ, ବିନୋଦ ଅଗ୍ରୱାଲ, ଶକୁନ୍ତଳା ମହାପାତ୍ର, ମୁଖ୍ୟ ସଂଯୋଜକ ଦେବାଶିଷ ପୁରୋହିତ, ସଭାପତି ସୌରଭ ରଞ୍ଜନ ମହାପାତ୍ର, ଚୈତନ୍ୟ ନାୟକ, ସୂରଜ କୁମାର ଗୁରୁ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ସହିଦ ମାଧୋ ସିଂହଙ୍କ ସମ୍ପର୍କରେ ଭ୍ରମାତ୍ମକ ତଥ୍ୟକୁ ଓଡ଼ିଶା ସାଂସ୍କୃତିକ ସମାଜର ବିରୋଧ

ସମ୍ବଲପୁର, ୧୨।୫ (ସମିସ) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ସପ୍ତମ ଶ୍ରେଣୀ ପାଇଁ ପ୍ରସ୍ତୁତ ପାଠ୍ୟପୁସ୍ତକ ‘ସାହିତ୍ୟ ସୁମନ’ରେ ମହାନ ସ୍ୱାଧୀନତା ସଂଗ୍ରାମୀ ଘେଁସ ଜମିଦାର ମାଧୋ ସିଂହଙ୍କ ସମ୍ପର୍କରେ ରଚନାକୁ ସ୍ଥାନ ଦେବା ଯେତେ ପ୍ରଶଂସନୀୟ, ଲେଖାଟି ଅତିଶୟ ଭ୍ରମାତ୍ମକ ହେବା ସେତେ ଦୁଃଖ ଓ ପରିତାପର ବିଷୟ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ କୁହାଯାଇଛି। ଡଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଓଡ଼ିଶା ସାଂସ୍କୃତିକ ସମାଜର ଏକ ବୈଠକରେ ଆଜି ଏହି ବିଷୟ ଉପରେ ଆଲୋଚନା କରାଯାଇ ଗଭୀର କ୍ଷୋଭ ପ୍ରକାଶ କରାଯାଇଛି। ଖୋଦ୍ ଓଡ଼ିଶା ସରକାର ଡିସେମ୍ବର ୩୧କୁ ମାଧୋ ସିଂହଙ୍କ ଫାଶୀ ଦିବସକୁ ବୀରତା ଦିବସ ରୂପେ ପାଳନ କରିଆସୁଥିବା ବେଳେ ମାଧୋ ସିଂହ ପାଠ୍ୟର ଲେଖକ କେଉଁ ଆଧାରରେ ଡିସେମ୍ବର ୨୨ ତାରିଖରେ ମାଧୋ ସିଂହଙ୍କୁ ଫାଶୀ ଦିଆଯାଇଥିଲା ବୋଲି ଲେଖିଛନ୍ତି ତାହା ବୁଝାପଡୁନାହିଁ ବୋଲି ସଦସ୍ୟମାନେ କହିଛନ୍ତି। ସାଂସ୍କୃତିକ ସମାଜ ପକ୍ଷରୁ କୁହାଯାଇଛି, ସମ୍ବଲପୁର ବ୍ରହ୍ମପୁରା ମନ୍ଦିର ସମେତ ଅନେକ ନାମର ଭୁଲ ବନାନ ତଥା ଭ୍ରମାତ୍ମକ ତଥ୍ୟ ପ୍ରଦାନ କରିଛନ୍ତି। ମାଧୋ ସିଂହଙ୍କ କନ୍ୟା ଛତିଶଗଡ଼ ଜମିଦାରଙ୍କୁ ନୁହେଁ, ମାଧୋଙ୍କ ନାତୁଣୀ ତଥା କୁଞ୍ଜଲ ସିଂହଙ୍କ କନ୍ୟା ଛତିଶଗଡ଼ର ସୋନାଖାନର ଜମିଦାର ନାରାୟଣ ସିଂହଙ୍କ ପୁତ୍ର ଗୋବିନ୍ଦ ସିଂହଙ୍କୁ ବିବାହ କରିଥିଲେ। ଘେଁସର ଅବସ୍ଥିତି ସମ୍ପର୍କରେ ମଧ୍ୟ ଭୁଲ ସୂଚନା ଦିଆଯାଇଛି। ମାଧୋ ସିଂହ ତଥା ସମ୍ବଲପୁର ସଂଗ୍ରାମ ସମ୍ପର୍କରେ ଲେଖକଙ୍କ ଜ୍ଞାନ ନ ଥିବା ତଥା ସେ ଏ ସମ୍ପର୍କରେ ନିର୍ଭରଯୋଗ୍ୟ ସୂତ୍ରରୁ ବିବରଣୀ ସଂଗ୍ରହ କରିବା ପାଇଁ ଉଦ୍ୟମ ସୁଦ୍ଧା କରିନଥିବା ପ୍ରତୀତ ହେଉଛି। ଏପରି ଭ୍ରମାତ୍ମକ ଲେଖା ମହାନ ସହିଦ ମାଧୋ ସିଂହ, ତାଙ୍କ ପରିବାରର ଅନ୍ୟ ବଳିଦାନ ଦେଇଥିବା ସଦସ୍ୟ ତଥା ଘେଁସ ସଂଗ୍ରାମୀ ପରିବାର ପ୍ରତି ଭକ୍ତିଭାବ ଥିବା ଅଗଣିତ ଜନତାଙ୍କ ପ୍ରତି ଅପମାନ ଅଟେ। ଏଭଳି ଭ୍ରମାତ୍ମକ ଆଲେଖ୍ୟ ଅକ୍ଷମଣୀୟ ତ୍ରୁଟି ଅଟେ। ଅବିଳମ୍ବେ ଏହାର ପୁନଃଲିଖନ ଓ ପୁନଃମୁଦ୍ରଣ କରାଯିବା ପାଇଁ ଓଡ଼ିଶା ସାଂସ୍କୃତିକ ସମାଜ ଦାବି କରିଛି। ସାଂସ୍କୃତିକ ସମାଜର ସମ୍ପାଦକ ଦୀନବନ୍ଧୁ ପଣ୍ଡା, ଐତିହାସିକ ଦୀପକ କୁମାର ପଣ୍ଡା, ସତ୍ୟନାରାୟଣ ଠାକୁର, ଅଶୋକ ମିଶ୍ର, ଅଖିଳ ପଟ୍ଟନାୟକ, କୈଳାସ ମିସ୍ତ୍ରୀ, ବାବୁଲା ଷଣ୍ଢ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗଣ୍ଡା ସମାଜ କଲ୍ୟାଣ ପରିଷଦର ସମ୍ବର୍ଦ୍ଧନା

ସମ୍ବଲପୁର, ୧୨।୫(ସମିସ): ସୋମବାର ଗଣ୍ଡା ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁର୍ଲା ଶାଖା ସଂଗଠନ ସମ୍ପାଦକ ବବୁଲୁ ସୁନା, ସହ ସମ୍ପାଦିକା ସୁନୟନା ନାଏକଙ୍କ ନେତୃତ୍ୱରେ ରେଡକ୍ରସ ସମ୍ମାନ ପାଇଥିବା ପରିଷଦର ସଭାପତି ନିହାଲ ସିଂ, ତ୍ରିଲୋଚନ ନେତ୍ରାଳୟ ତରଫରୁ ସମ୍ମାନ ପାଇଥିବା ଉପସଭାପତି ଶିବଶଙ୍କର ପ୍ରଧାନ, ସମ୍ପାଦକ ଅମିନ ମହାନନ୍ଦ, ସଂଗଠନ ସମ୍ପାଦିକା ଯମୁନା ଶିକାଙ୍କୁ ଗଣ୍ଡା ବଜା ମାଧ୍ୟମରେ ଶୋଭାଯାତ୍ରା କରି ବାବା ସାହେବ ଆମ୍ବେଦକରଙ୍କୁ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ବୈଠକରେ ଉପଦେଷ୍ଟା ପୁରନ୍ଦର ସୁନା ଶ୍ରୀ ସିଂଙ୍କୁ ପ୍ରଶଂସା କରିଥିଲେ। ମୁନ୍ନା ନାଗ, ରମାକାନ୍ତ ତାଣ୍ଡି, ରାଜେନ୍ଦ୍ର ନାଏକ, ଭଗବାନ ନିଆଲ, ନବୀନ ଯାଦବ, ପ୍ରମୁଖ ସହଯୋଗ କରିଥିଲେ।

## ଅବାଧ ଗଛ କାଟିବା ନେଇ ଅଭିଯୋଗ



ରେଢ଼ାଖୋଲ, ୧୨।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡବାହାଳ ରେଞ୍ଜ ଅଧୀନ ଝରାମୁଣ୍ଡା ଗ୍ରାମ ନିକଟ ଥିବା କେନାଲହୁଡ଼ାରେ ବଡ଼ ବଡ଼ ବୃକ୍ଷ ଗୁଡିକ କାଟି ନଷ୍ଟ କରିବା ନେଇ ରେଢ଼ାଖୋଲ ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ ବନ ବିଭାଗ ପକ୍ଷରୁ ଜଙ୍ଗଲ ପରିବେଶ ସୁସ୍ଥ ସବଳ ରଖିବା ପାଇଁ ବିଭିନ୍ନ ସମୟରେ ବୃକ୍ଷରୋପଣ କରାଯାଇଥିବା ବେଳେ ଜନ ସାଧାରଣ ଅବାଧରେ ବେଧଡକ ବଡ଼ ବଡ଼ ବୃକ୍ଷ ଗୁଡ଼ିକୁ କାଟି ଚାଲିଛନ୍ତି। ବନ ବିଭାଗ ନିଷ୍କ୍ରିୟତା ପ୍ରକାଶ କରିଛି। ସେହିପରି ବଡବାହାଳ ରେଞ୍ଜ ଅଧୀନ ଝରାମୁଣ୍ଡା ଗ୍ରାମ ନିକଟ କେନାଲ ହୁଡ଼ା ତଥା ରେଞ୍ଜ କାର୍ଯ୍ୟାଳୟ ଠାରୁ ମାତ୍ର ଅଧା କିଲୋ ମିଟର ଦୂରରେ ଥିବା ବଡ଼ ବଡ଼ ବୃକ୍ଷ ଗୁଡ଼ିକୁ ଜଣେ ବ୍ୟକ୍ତି ଅବାଧରେ ଦିନ ଦ୍ୱିପହରରେ କାଟି ନଷ୍ଟ କରି ଦେଇଛନ୍ତି। ଏ ସମ୍ପର୍କରେ ଉକ୍ତ ଗ୍ରାମର ହୃଷି ମୁଣ୍ଡା ବନଖଣ୍ଡ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

# ୬୨ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଜବତ, ଜଣେ ଗିରଫ

ସମ୍ବଲପୁର, ୧୨।୫ (ସମିସ)

ସମ୍ବଲପୁର ପୁଲିସ ଯୁଯୋମୁରା ଥାନା ଅଞ୍ଚଳରେ ଥିବା ଏକ ଢାବାରେ ଚଢ଼ଉ କରି ବେଆଇନ ଗ୍ୟାସ୍ ଫିଲିଂ ରାକେଟ୍‌ର ପର୍ଦ୍ଦାଫାଶ କରିବାସହ ୬୨ଟି ଏଲ୍‌ପିଜି ସିଲିଣ୍ଡର ଜବତ କରିଛି। ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବାବେଳେ ଜଣେ ନାବାଳକକୁ ପୁଲିସ ଅଟକ ରଖିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଏସ୍‌ପିଙ୍କ ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯୁଯୋମୁରା ଥାନା ସୀମାବର୍ତ୍ତୀ ରାଜସ୍ଥାନୀ ଢାବାରେ ପୁଲିସ ଚଢ଼ଉ କରିଥିଲା। ଏଠାରେ ଦୀର୍ଘଦିନ ଧରି ଏକ ବେଆଇନ ଏଲପିଜି ଗ୍ୟାସ ରିଫିଲିଂ ରାକେଟ ଚିହ୍ନଟ ହୋଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଢାବା ମାଲିକ ସୋହାନଙ୍କ ସହ ମିଶି ବେଆଇନ ଗ୍ୟାସ ଡିଲର ଗିରିଧାରୀ ରାମଜୀଙ୍କ ତତ୍ତ୍ୱାବଧାନରେ ଗତ ତିନି ମାସ ଧରି ଏହି କାର୍ଯ୍ୟକଳାପ ଚାଲିଥିଲା। ଅପରାଧୀମାନେ ପାଇପ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ବ୍ୟବହାର କରି ଲୋଡ୍ ହୋଇଥିବା ବାଣିଜ୍ୟିକ ସିଲିଣ୍ଡରରୁ ଖାଲି ସିଲିଣ୍ଡରରେ ଏଲପିଜି ବେଆଇନ ଭାବରେ ପକାଉଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ ପାରାଦୀପରୁ ରାୟପୁର ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଆସୁଥିବା ଗ୍ୟାସ ଲୋଡ୍ ଟ୍ରକଗୁଡ଼ିକ ଢାବାରେ ଅଟକି ରହୁଥିଲେ, ଯେଉଁଠାରେ କିଛି ଡ୍ରାଇଭରଙ୍କ ସହମତିରେ ସିଲିଣ୍ଡରରୁ ବେଆଇନ ଭାବରେ ଏଲପିଜି କଢ଼ାଯାଉଥିଲା। ପ୍ରଚଳିତ ଗ୍ୟାସ୍ ଅଭାବର ସୁଯୋଗ ନେଇ, ଅଭିଯୁକ୍ତମାନେ ବେଆଇନ ଭାବରେ ଏଲପିଜି ସିଲିଣ୍ଡର ରିଫିଲିଂ କରି ନିକଟସ୍ଥ ଢାବା ଏବଂ ହୋଟେଲଗୁଡ଼ିକୁ ଲାଭ ପାଇଁ ବିକ୍ରି କରୁଥିଲେ। ଯୁଯୋମୁରା ଥାନା ପୁଲିସ ଚଢ଼ଉ କରି ୪୦ଟି କମର୍ସିଆଲ ଗ୍ୟାସ ସିଲିଣ୍ଡର ଏବଂ ୨୨ଟି ଘରୋଇ ଗ୍ୟାସ ସିଲିଣ୍ଡର ଏହିଭଳି ମୋଟ ୬୨ଟି ଗ୍ୟାସ ସିଲିଣ୍ଡର ଜବତ କରିଛି। ଏହି ବେଆଇନ କାରବାର ଯୋଗୁଁ ଯେକୌଣସି ସମୟରେ ବଡ଼ ଧରଣର ବିସ୍ଫୋରଣ ଘଟିବାର ଆଶଙ୍କା ରହିଥିଲା। ଯୁଯୋମୁରା ଥାନା କେସ ନଂ. ୮୫/୨୦୨୬ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାରେ ସୁବାସ ବିଷ୍ଟୋଇ (୧୯)କୁ ଗିରଫ କରିବାସହ ଜଣେ ନାବାଳକଙ୍କୁ ଅଟକ ରଖିଛି। ମୁଖ୍ୟ ଅଭିଯୁକ୍ତ ଢାବା ମାଲିକ ସୋହନ କୁମାର ଫେରାର ଥିବା ଏସ୍‌ପି ଶ୍ରୀ ଭାମୁ ସୂଚନା ଦେଇଛନ୍ତି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବାବେଳେ ଶୀଘ୍ର ଢାବା ମାଲିକକୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଦୁଇ ମାସରେ ୨୩୭ ସିଲିଣ୍ଡର ଜବତ

ଆଜି ସମ୍ବଲପୁର ପୁଲିସ ୬୨ଟି ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ଜବତ କରିବାସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେହିପରି ଗତ ମେ ୧ ତାରିଖରେ ସମ୍ବଲପୁର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଧନୁପାଲିସ୍ଥିତ ସାଉଥ୍ ଇଣ୍ଡିଆନ୍ ଟିଫିନ୍ ହୋଟେଲରୁ ୧୧ଟି ଭର୍ତ୍ତି ଓ ଖାଲି ଗ୍ୟାସ୍ ସିଲିଣ୍ଡର ଜବତ କରିଥିଲା। ଏହା ପୂର୍ବରୁ ମାର୍ଚ୍ଚ ୧୭ ତାରିଖରେ ଚଢ଼ଉ କରାଯାଇ ନକ୍ସାପାଲି ଅଞ୍ଚଳରେ ବେଆଇନ ଭାବେ ଗଚ୍ଛିତ ରଖିଥିବା ୨ଟି କମର୍ସିଆଲ ଓ ଗୋଟିଏ ଘରୋଇ ସିଲିଣ୍ଡର ଜବତ କରାଯାଇଥିଲା। ମାର୍ଚ୍ଚ ୧୨ ତାରିଖରେ ବୁର୍ଲା ମେଟାକାନୀ ଢାବା ନିକଟରେ ଚଢ଼ଉ କରି ୬୨ଟି ସିଲ୍ଡ ଭାରତ ଗ୍ୟାସ ସିଲିଣ୍ଡର ସମେତ ମୋଟ ୧୬୧ଟି ସିଲିଣ୍ଡର ଜବତ କରାଯାଇ ୨ ଜଣଙ୍କୁ ପୁଲିସ ଗିରଫ କରିଥିଲା।

# ଫ୍ଲାଏ ଆସ୍ ମ୍ୟାନେଜମେଣ୍ଟ ପରିଦର୍ଶନ

ସମ୍ବଲପୁର, ୧୨।୫ (ସମିସ) : ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଏକ ୧୫-ଜଣିଆ ପ୍ରତିନିଧି ଦଳ ଆଦିତ୍ୟ ବିର୍ଲା ଲପଙ୍ଗା ପ୍ଲାଣ୍ଟ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୃଷ୍ଠପୋଷକତାରେ ଫ୍ଲାଏ-ଆସ୍ ପରିଚାଳନା ସମ୍ବନ୍ଧରେ ଅବଗତ ହେବାପାଇଁ ପରିଦର୍ଶନରେ ଯାଇଥିଲେ। ଏହି ଦଳରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ, ପ୍ରାଧ୍ୟାପକ, ପ୍ରଶାସକ ଅନ୍ତର୍ଭୁକ୍ତ ଥିଲେ। ଫ୍ଲାଏ ଆସ୍‌କୁ ସ୍ଥାନୀୟ ଜାଗାରେ ବିନିଯୋଗ ନକରି ରେଳ ଯୋଗେ (ର୍‌ୟାକ୍) ସାହାଯ୍ୟରେ ଓ ବନ୍ଦ ଟ୍ରଲି ଇଭି ଜରିଆରେ ୨୦ଟି ଟ୍ରକ୍ ସାହାଯ୍ୟରେ ସିମେଣ୍ଟ ପ୍ଲାଣ୍ଟ ତଥା ପ୍ରମୁଖ ରାସ୍ତା ନିର୍ମାଣ ସଂସ୍ଥାକୁ ପଠାଯାଉଥିବା ଆଦିତ୍ୟ ବିର୍ଲା ସଂସ୍ଥା ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଫ୍ଲାଏ ଆସ୍ ଅଳିଆ ଗଦାରେ, ବିଲରେ, ରାସ୍ତାରେ ଫିଙ୍ଗିଦେବା ଦ୍ୱାରା ଚାଷୀ ଓ ସାଧାରଣ ଲୋକଙ୍କ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି। ଆଦିତ୍ୟ ବିର୍ଲା ପକ୍ଷରୁ ପ୍ରଦୂଷଣ ରକ୍ଷା ଓ ସବୁଜିମା ସକାଶେ ନିଆଯାଇଥିବା ପଦକ୍ଷପ ଗୁଡ଼ିକ ଦର୍ଶାଯାଇଥିଲା। ଫ୍ଲାଏ ଆସ୍ ମ୍ୟାନେଜମେଣ୍ଟ ଦିଗରେ ସମସ୍ତ ଶିଳ୍ପ କାରଖାନା ଅନୁରୂପ ବ୍ୟବସ୍ଥା ଗ୍ରହଣ କରିବାକୁ ହୀରାଖଣ୍ଡ ନାଗରିକ ପରିଷଦ ଓଡ଼ିଶା ସରକାରଙ୍କଠାରେ ଦାବି ଉପସ୍ଥାପନ କରିବ। ପରିଷଦର ସଭାପତି ପ୍ରଫେସର ନନ୍ଦକିଶୋର ଦେବତା ଓ ସମ୍ପାଦକ ସୀତାଂଶୁ ତ୍ରିପାଠୀ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ରବୀନ୍ଦ୍ର ପଣ୍ଡା, ଯଶୋବନ୍ତ ପରିଡ଼ା, ଧ୍ରୁବ ପଣ୍ଡା, ସୀତାଂଶୁ ପଟ୍ଟନାୟକ, ଗିରିଧାରୀ ହୋତା ପ୍ରମୁଖ ସାମିଲ ହୋଇଥିଲେ।



# ଜନଗଣନା ପ୍ରଶ୍ନାବଳୀରେ ଓବିସି ଯୋଡ଼ିବାକୁ ଦାବି

ସମ୍ବଲପୁର, ୧୨।୫ (ସମିସ)

ଜିଲ୍ଲା ଓବିସି ମଞ୍ଚ ମାନେଶ୍ୱର ବ୍ଲକ ଶାଖା ପକ୍ଷରୁ ଜନଗଣନା ପ୍ରଶ୍ନାବଳୀରେ ଓବିସି ଯୋଡ଼ିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉଦ୍ଦେଶ୍ୟରେ ଆଜି ଏକ ସ୍ମାରକ ପତ୍ର ମାନେଶ୍ୱର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟ ଓବିସି ମଞ୍ଚ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଲୋକତାନ୍ତ୍ରିକ ସରକାର ଦେଶର ମୋଟ ସଂଖ୍ୟାର ୫୨% ଓବିସି ଜାତି-ସମୂହଙ୍କ ସାମାଜିକ ନ୍ୟାୟକୁ ହୃଦୟଙ୍ଗମ କରି ୧୨ ନମ୍ବର ପ୍ରଶ୍ନରେ ଓବିସି କଲମ୍ ଯୋଡ଼ିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଦାବି ପତ୍ର ମାନେଶ୍ୱର ତହସିଲଦାର ବ୍ରଜ କିଶୋର ସାହୁ ଗ୍ରହଣ କରିଥିଲେ।

ଦାବିପତ୍ର ଅନୁଯାୟୀ, ଦେଶର ସର୍ବବୃହତ ପଛୁଆ ବର୍ଗ (ଓବିସି)ଙ୍କ ଜାତି ଜନଗଣନା ନ ହେବାରୁ ତାଙ୍କ ବିକାଶ ପାଇଁ ସମୁଚିତ ପଦକ୍ଷେପ ଏଯାବତ୍ ନିଆଯାଇ ପାରିନାହିଁ। ସେମାନେ ଜାତୀୟ ବିକାଶର ମୂଳ ସ୍ରୋତରେ ସାମିଲ ହୋଇପାରି ନାହାନ୍ତି। ଓଡ଼ିଶା ରାଜ୍ୟରେ ଓବିସିମାନେ ଶିକ୍ଷା, ଚାକିରୀ ଏପରି କି ପଞ୍ଚାୟତିରାଜରେ

**କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ବି ସମାନୁପାତିକ ତ ଦୂରର କଥା ୨୭% ପ୍ରତିନିଧିତ୍ୱ ପାଇନାହାନ୍ତି। କେନ୍ଦ୍ର ସରକାର ଗତ ୨୦୨୫ ମସିହା ଏପ୍ରିଲ ୩୦ ତାରିଖ କ୍ୟାବିନେଟ ବୈଠକରେ ଜାତି ଜନଗଣନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦୨୬-୨୭ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲେ ମଧ ଜନଗଣନା ପ୍ରଶ୍ନାବଳୀ ୧୨ ନମ୍ବର ପ୍ରଶ୍ନ (ଯାହା ଓଡ଼ିଶା ରାଜ୍ୟରେ ୧୩ ନମ୍ବର ପ୍ରଶ୍ନ) ରେ ଓବିସି ଗଣନାର କୌଣସି ଉଲ୍ଲେଖ ନାହିଁ। ଅର୍ଥାତ୍ ସରକାର ଓବିସିଙ୍କ ଗଣନା କରୁନାହାନ୍ତି। ଏହାହେଲେ ଓବିସିଙ୍କୁ କୌଣସି ସାମାଜିକ ନ୍ୟାୟ ମିଳିବ ନାହିଁ। ଦାବି ପତ୍ର ପ୍ରଦାନ ସମୟରେ ଜିଲ୍ଲା ଓବିସି ମଞ୍ଚର ଆବାହକ ସରୋଜ ସାହୁ, ଓବିସି କର୍ମୀ କୃପାସିନ୍ଧୁ ଖମାରି, ଜଟା ଭୂଷଣ ସାହୁ, ଜିତେନ୍ଦ୍ର କୁମାର ପ୍ରଧାନ, ହୃଷିକେଶ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଭବାନୀ ନାୟକ, ରୋହିଦାସ ସାହୁ, ନିମାଇଁ ବଢ଼େଇ, କୃଷ୍ଣଚନ୍ଦ୍ର ସୁନାର, ଭବାନୀ ଶଙ୍କର ପ୍ରଧାନ, ପ୍ରଦୀପ କୁମାର ପରିଡ଼ା, ହିମାଂଶୁ ଶେଖର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ରାଜ କୁମାର ସାହୁ, ହିମାଂଶୁ ପ୍ରଧାନ, ନିମାଇଁ ସାହୁ, ଶିବାନନ୍ଦ ନାୟକ, ପ୍ରଶାନ୍ତ ଦେହେରି, ଦମୟନ୍ତୀ ନାୟକ ପ୍ରମୁଖ ମାନେଶ୍ୱର ବ୍ଲକର ବହୁ ଓବିସି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

ସମ୍ବଲପୁର, ୧୨।୫(ସମିସ):ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମ୍ବଲପୁର ଗସ୍ତ ଅବସରରେ ସମ୍ବଲପୁର ମହାନଗର ନିଗମରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର ମହାନଗର ନିଗମ ଏବଂ ଅନ୍ୟାନ୍ୟ ପୌରାଞ୍ଚଳର ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଫ୍ଲାଗସିପ୍ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ), ମଧୁବାବୁ ପେନସନ ଯୋଜନା ଅଧୀନରେ ସହରାଞ୍ଚଳ ଭିତ୍ତିଭୂମି, ନିଯୁକ୍ତି ସୁଯୋଗ, ଏବଂ ଜଳାଶୟର ବିକାଶ, ସହରର ପରିମଳ ବ୍ୟବସ୍ଥା ଏବଂ ସହ ଜଡ଼ିତ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପାଇଁ 'ଗରିମା' ଯୋଜନାର ସଫଳ ରୂପାୟନ, ରାସ୍ତା ମରାମତି, ପାନୀୟ ଜଳ ଯୋଗାଣ, ସ୍ୱେରେଜ୍ ବୋର୍ଡ, ସହରର ସମସ୍ତ ଗଳିକନ୍ଦିରେ ସ୍ମାର୍ଟ ଏଲଇଡି ଓ ଷ୍ଟ୍ରିଟ ଲାଇଟ ସଂଯୋଗୀକରଣ, ଆହାର' କେନ୍ଦ୍ରର ସୁପରିଚାଳନା ଏବଂ କୁଟର ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା।ବିଶେଷ କରି ଏସଏମ୍‌ସି ଅଞ୍ଚଳରେ ବର୍ଷା ଜଳ ନିଷ୍କାସନ ଏବଂ ଆଫୋର୍ଡେବଲ୍ ହାଉସିଂ ପ୍ରୋଜେକ୍ଟ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା। ରେଙ୍ଗାଲି ଏବଂ ସମ୍ବଲପୁର ବିଧାୟକମାନେ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସମସ୍ୟା ଓ ବିକାଶ ସମ୍ପର୍କରେ ମଧ ମତ ରଖିଥିଲେ। ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୫୨ତମ କର୍ତ୍ତୃପକ୍ଷ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକର ମୁଖ୍ୟ ଏସଡିଏ ଅଧୀନରେ ଥିବା ଅଞ୍ଚଳଗୁଡ଼ିକର ଯୋଜନାବଦ୍ଧ ଏବଂ ବ୍ୟବସ୍ଥିତ ବିକାଶ କରିବା, ଜୋନାଲ୍ ଡେଭଲପମେଣ୍ଟ ପ୍ଲାନ୍ ସମେତ ବିସ୍ତୃତ ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ସହରର ଭିତ୍ତିଭୂମି ସମ୍ପର୍କିତ କାର୍ଯ୍ୟଗୁଡ଼ିକର ତଦାରଖ କରିବା, ହାଉସିଂ କଲୋନୀ, ସପିଂ ସେଣ୍ଟର ଏବଂ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପଦକ୍ଷେପ ନେବା, ଅସଂଗଠିତ ସହରୀ ସମ୍ପ୍ରସାରଣକୁ ଏକ ବ୍ୟବସ୍ଥିତ ରୂପ ଦେବା ପାଇଁ ରୂପାନ୍ତରଣ ଯୋଜନା ପ୍ରଣୟନ କରିବା ଆଦି ଉପରେ ଆଲୋଚନା କରଯାଇଥିଲା। ମୋଦିପଡ଼ାଠାରେ ୧.୧୪ ଏକର ଜମିରେ ଏକ ବହୁତଳ ବିଶିଷ୍ଟ (ବି+ଜି+୬) ବାଣିଜ୍ୟିକ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହା ସହ ସାଲିବାଗିଚାସ୍ଥିତ ପୁରୁଣା ଏସଡିଏ କାର୍ଯ୍ୟାଳୟର ସମ୍ପୂର୍ଣ୍ଣ ମରାମତି ଓ ନବୀକରଣ କରାଯିବ। କର୍ତ୍ତୃପକ୍ଷଙ୍କ ଆର୍ଥିକ କାରବାରରେ ସ୍ୱଚ୍ଛତା ଆଣିବା ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଫର୍ମ ନିୟୋଜିତ କରିବା ଏବଂ ବାଣିଜ୍ୟିକ ସମ୍ପତ୍ତିରୁ ଟିକସ ଆଦାୟ ପାଇଁ ଜିଏସଟି ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୁର୍ଲା ଅଞ୍ଚଳରେ ଥିବା କୋର ହାଉସିଂ ସ୍କିମରେ ଖାଲି ପଡ଼ିଥିବା ପ୍ଲଟଗୁଡ଼ିକୁ ଇ-ଅକ୍ସନମାଧ୍ୟମରେ ବିକ୍ରୟ କରିବା ଏବଂ ଚେରୁଆପଡ଼ାଠାରେ ଜମି ବିକାଶ ପ୍ରକଳ୍ପ ପାଇଁ ଆଲୋଚନା ହୋଇଛି। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ନିର୍ଦ୍ଦେଶକ ଟାଉନ୍ ପ୍ଲାନିଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଶତ୍ରୁଘ୍ନ କର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖତ୍ରିଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।



# ଅଶ୍ଳୀଳ ଫୋଟ ଭାଇରାଲ କରି ସ୍ୱାମୀ ଗିରଫ

ରେଢ଼ାଖୋଲ, ୧୨।୫(ସମିସ): ସ୍ୱାମୀ ଜୀବନ ସାଥୀ କରି ଘରକୁ ଆଣିଥିବା ନିଜ ଧର୍ମପତ୍ନୀଙ୍କୁ ଯୌତୁକ ନିର୍ଯାତନା ସହିତ ମାନସିକ ଓ ଶାରିରୀକ ନିର୍ଯାତନା ଦେବା ସହିତ ନିଜ ପତ୍ନୀ ସହିତ ଶାରୀରିକ ସମ୍ପର୍କ ସମୟର ଅଶ୍ଳୀଳ ଫୋଟ ସୋସିଆଲ ମିଡିଆରେ ଭାଇରାଲ କରି ଗିରଫ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଘଟିଛି।



ସୂଚନା ଯୋଗ୍ୟ ଯେ ଏପ୍ରିଲ ୨୦୨୪ ମସିହାରେ ରେଢ଼ାଖୋଲ ଥାନା ଅଞ୍ଚଳର ସୀମାରାଣୀ ପ୍ରଧାନ ଏବଂ ଅଭିଯୁକ୍ତ ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା କୁଦାପଡ଼ା ଗ୍ରାମବାସିନ୍ଦା ବିନୋଦ ପ୍ରଧାନଙ୍କ ସହିତ ହିନ୍ଦୁ ରୀତିନୀତି ବିଦ୍ଧିବିଦ୍ଧ ଅନୁଯାୟୀ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହର କିଛି ଦିନ ବିତିବା ପରେ, ପୀଡ଼ିତାଙ୍କ ସ୍ୱାମୀ ବିନୋଦ ପ୍ରଧାନ ଏବଂ ତାଙ୍କ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ, ଗୋଟିଏ ସୁନା ହାର, ୱାସିଂ ମେସିନ୍ ସହିତ ୨ ଲକ୍ଷ ଟଙ୍କା ନଗଦ ଦାବି କରିଥିଲେ। କିନ୍ତୁ ଯୌତୁକ ଆଣିବାକୁ ଅକ୍ଷମତା ଦେଖାଇବାରୁ ତାଙ୍କ ସ୍ୱାମୀ ସହିତ ଶ୍ୱଶୁର ଘରଲୋକେ ତାଙ୍କୁ ବିଭିନ୍ନ ସମୟରେ ଆକ୍ରମଣ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଅତି ଅସହ୍ୟ ହେବାରୁ ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇଥିଲେ।

ଅଭିଯୋଗକ୍ରମେ ରେଢ଼ାଖୋଲ ଥାନାରେ କେସ ଜାରି ହୋଇଥିଲା। ଏଥିରେ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ି ଚାଲିଥିଲା। ଗତ ୬ ତାରିଖରେ ପୀଡ଼ିତା ସ୍ୱାମୀ ବିନୋଦ ଉଭୟଙ୍କ ମଧ୍ୟରେ ହୋଇଥିବା ଶାରୀରିକ ସମ୍ପର୍କ ଅଶ୍ଳୀଳ ଫୋଟ ଗୁଡ଼ିକୁ ସ୍ତ୍ରୀର ସମ୍ପର୍କୀୟ ଭାଇ ରୋଶନ ବିଶ୍ୱାଳଙ୍କ ମୋବାଇଲ ଫୋନ୍‌କୁ ପଠାଇ ଦେଇଥିଲେ। ପୀଡ଼ିତାଙ୍କ ଭାଇ ବିରୋଧ କରିବାରୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ। ଜାଣିବା ପରେ ସ୍ତ୍ରୀ ସୀମାରାଣୀ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିବା ବେଳେ ତାଙ୍କ ଭାଇ ସମସ୍ତ ପ୍ରକାର ସହଯୋଗ କରିବା ପ୍ରତିଶ୍ରୁତି ଦେଇ ଜୀବନ ରକ୍ଷା କରିଥିଲେ।

ଏ ସଂକ୍ରାନ୍ତରେ ସ୍ତ୍ରୀ ସୀମାରାଣୀ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ କେସ ନଂ ୮୩/୨୬ରେ ମାମଲା ରୁଜୁ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ସ୍ୱାମୀ ବିନୋଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିବା ଥାନା ଅଧିକାରୀ ସନୟ କୁମାର ନାଏକ ସୂଚନା ଦେଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି।

# ସାବିତ୍ରୀ ବ୍ରତ ପାଇଁ ଜମୁଛି ତାଳସଜ ବେପାର

ବରପାଲି, ୧୨।୫(ସମିସ): ଗ୍ରୀଷ୍ମ ଋତୁ ଆସିଲେ ତାଳ ସଜର ଚାହିଦା ବୃଦ୍ଧି ପାଇଥାଏ। ବରପାଲି ସହର ସମେତ ବିଭିନ୍ନ ରାସ୍ତାକଡରେ ତାଳସଜ ବେପାର ଚାଲିଛି।୨୬ନମ୍ବର ଜାତିୟ ରାଜପଥ କଡ ବରଲାବାହାଲ ଛକରେ ଅସ୍ଥାୟୀ ଦୋକାନ କରି ବ୍ୟବସାୟୀ ତାଳସଜ ବିକ୍ରି କରୁଥିବା ବେଳେ ଯାତାୟତ ଲୋକଙ୍କ ଭଲ ଭିଡ଼ ଦେଖିବାକୁ ମିଳିଥିଲା। ବ୍ୟବସାୟୀଙ୍କ କହିବା ଅନୁସାରେ, ସେମାନେ ଗୋଟା ତାଳ ପ୍ୟାକେଟ ପିଛା ପ୍ରାୟ ୬୦୦ ଟଙ୍କାରେ କ୍ରୟ କରିଥାନ୍ତି। ପରେ ଖୁଚୁରା ବିକ୍ରି କରି ସେଥିରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ହେଉଥିବା କହିଛନ୍ତି। ବିଶେଷ କରି ରାସ୍ତା କଡରେ ପସରା ମେଲାଇ ବିକ୍ରି କରାଯାଉଥିବାରୁ ଯାତ୍ରୀ ଓ ସ୍ଥାନୀୟ ଲୋକ ସହଜରେ କିଣିପାରୁଛନ୍ତି। ଆଗାମୀ ସାବିତ୍ରୀ ପାଳନ ପାଇଁ ତାଳ କିଣିବାକୁ ଲୋକଙ୍କ ଭିଡ଼ ବଢ଼ିବାରେ ଲାଗିଛି। ବ୍ରତ ଓ ପୂଜାପାଠରେ ତାଳର ବିଶେଷ ମହତ୍ତ୍ୱ ଥିବାରୁ ମହିଳାମାନେ ବେଶି କ୍ରୟ କରୁଛନ୍ତି। ବର୍ତ୍ତମାନ ବଜାରରେ ତାଳ ସଜର ଦର କିଲୋ ପିଛା ୮୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ରହିଛି।

# ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ଉତ୍ପାତ ; ୧୭ ଅଟକ

ବରଗଡ଼, ୧୨।୫(ସମିସ): ବରଗଡ଼ ଟାଉନ ଥାନା ପୁଲିସ ପକ୍ଷରୁ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ବିଶେଷ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ସାଧାରଣଲୋକଙ୍କୁ ଅସୁବିଧା ସୃଷ୍ଟି କରୁଥିବା ୧୭ଜଣଙ୍କୁ ପୁଲିସ ଅଟକ ରଖିଥିଲା।ପୁଲିସ ସୂଚନା ଅନୁସାରେ, ଅଟକ ବ୍ୟକ୍ତିମାନେ ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରି ଉଚ୍ଚସ୍ୱରରେ ଚିତ୍କାର କରିବା ସହ ଅଶାନ୍ତିକର ପରିବେଶ ସୃଷ୍ଟି କରୁଥିଲେ। ଫଳରେ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପରେ ସମସ୍ତ ଅଟକ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ସେମାନଙ୍କ ଠାରୁ ଜାମିନ ବଣ୍ଡ ଓ ଭବିଷ୍ୟତରେ ଏପରି କାର୍ଯ୍ୟରେ ଲିପ୍ତ ନ ହେବା ପାଇଁ ଲିଖିତ ଅଣ୍ଡରଟେକିଂ ନେଇ ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ ଆଗାମୀ ଦିନରେ ମଧ ଏପରି ଚଢ଼ଉ ଜାରି ରହିବ ବୋଲି ସୂଚନା ମିଳିଛି।

# ସଫଳ ଆମ୍ବ ଚାଷୀ ରାଜାରାମ

ପଦ୍ମପୁର, ୧୨। ୫(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ସାରଙ୍ଗପୁରଗ୍ରାମର ଚାଷୀ ରାଜାରାମ ବରିହା ଆମ୍ବ ଚାଷ କରି ଲକ୍ଷାଧିକ ଟଙ୍କା ଉପାର୍ଜନ କରିବା ସହିତ ଅଣଧାନ ଫସଲରେ ଯୁବ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ପଡ଼ିଆ ଜମିରେ ଆମ୍ବ ଚାଷ କରି ଜଣେ ଲକ୍ଷପତି ହେବା ସହିତ ରୋଜଗାରିଆ ପୁଅ ଭଳି ରୋଜଗାର ଦେବ ତାହା ପ୍ରମାଣ କରିଛନ୍ତି।ଆମ୍ବ ଚାଷୀ ରାଜାରାମ ୨୦୧୦ମସିହାରେ ପଦ୍ମପୁର ଉଦ୍ୟାନ ବିଭାଗ ସହିତ ଯୋଗାଯୋଗ କରି ରାଜ୍ୟ ସରକାରଙ୍କ ମନରେଗା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ତାଙ୍କର ପଡ଼ିଆ ପଡ଼ିଥିବା ୫.୫୦ଏକର ଜମିରେ ଆମ୍ରପଲ୍ଲି, ଦଶେରୀ, ଲେଙ୍ଗଡ଼ା, ନିଲମ୍, ବାଇଗଣ ପଲ୍ଲୀ, ମଲ୍ଲିକା ଆଦି କିସମର ୬୦୦ଗଛ ଲଗାଇଥିଲେ। ପରେ ୨୦୧୩ରେ ପୁଣି ୫ଏକର ଜମିରେ ପ୍ରାୟ ୫୦୦ଆମ୍ବ ଚାରା ଲଗାଇଥିଲେ।ଏଥିପାଇଁ ସରକାରଙ୍କ ତରଫରୁ ତାଙ୍କୁ ପେକ୍ ହାଉସ ଓ ପୋଖରୀ ପାଇଁ ସହାୟତା ମିଳିଥିଲା।ସେ ବର୍ତ୍ତମାନ ଆମ୍ବ ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି ଏହା ସହିତ ଅଞ୍ଚଳର ଅନେକ ଯୁବ ଚାଷୀ ତାଙ୍କ ନିକଟକୁ ଆସି ଆମ୍ବ ଚାଷ ଉପରେ ଉପଦେଶ ନେଉଛନ୍ତି।ଆମ୍ବ ଚାଷରୁ ବର୍ତ୍ତମାନ ସେ ୧୦/୧୨ଲକ୍ଷ ଟଙ୍କା ଉପାର୍ଜନ କରିବା ସହିତ ଅନେକ ପରିବାରକୁ ରୋଜଗାର ଦେଉଛନ୍ତି। ଗଛ କେବେ ମଣିଷକୁ ଠକେ ନାହିଁ ବୋଲି କୁହନ୍ତି ରାଜାରାମ। ବର୍ତ୍ତମାନର ଯୁବ ପିଢ଼ି ଅବା ଚାଷୀ ଚାକିରୀ କିମ୍ବା ଧାନ ଚାଷ ଉପରେ ଗୁରୁତ୍ୱ ନ ଦେଇ ଫଳ ଚାଷ ଉପରେ ଗୁରୁତ୍ୱ ଦେଲେ ବେଶୀ ଲାଭବାନ ହେବେ ବୋଲି କହିଛନ୍ତି।



# ସମାଜସେବୀ ସଂଘମିତ୍ରା ପଟେଲ ସମ୍ମାନିତ

ବରଗଡ଼, ୧୨।୫(ସମିସ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ ଆୟୋଜିତ ସେବା ଭାରତୀ ଓଡ଼ିଶା ପଶ୍ଚିମ ପ୍ରାନ୍ତର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ପାନୀୟଜଳ ଯୋଗାଣ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଆଦି ଯୋଗ ଦେଇ ସେବା ଭାରତୀର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପଶ୍ଚିମ ଓଡ଼ିଶା ତଥା ବରଗଡ଼ ର ବିଶିଷ୍ଟ ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ସେବା ସମ୍ମାନରେ ସମ୍ମାନିତ କରି ଶ୍ରୀମତୀ ପଟେଲଙ୍କୁ ଅଶେଷ ପ୍ରଶଂସା କରିଥିଲେ। ସଂଘମିତ୍ରା ପଟେଲ ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ଲୋକଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସେବା ଯୋଗାଉଥିବାରୁ ସେବା ଭାରତୀ ପରିବାର ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ।



# ଭାରତ ବିକାଶ ପରିଷଦର ସାଧାରଣ ସଭା




ସମ୍ବଲପୁର, ୧୨।୫ (ସମିସ) : ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖାର ସାଧାରଣ ବୈଠକ ଜିଲ୍ଲାସ୍କୁଲ ଛକ ନିକଟସ୍ଥ ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଶାଖା ଅଧ୍ୟକ୍ଷ ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟବକ୍ତା ଭାବରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡଃ ଆଦିତ୍ୟ କୁମାର ପାଣ୍ଡେ ଯୋଗ ଦେଇଥିଲ। ଡଃ ପାଣ୍ଡେ କହିଲେ ଯେ, ଆମ ଭାରତୀୟ ସଂସ୍କୃତିର ସନାତନୀ ଚିନ୍ତାଧାରା ଏବଂ ସର୍ବଧର୍ମ ସମନ୍ୱୟ ଓ ବସୁଧୈବ କୁଟୁମ୍ବକମ୍ ଭାବନାର ବିରଳ ଉଦାହରଣ। କିନ୍ତୁ, ଭାରତୀୟ ସଂସ୍କୃତି ବିରୁଦ୍ଧରେ ଅପପ୍ରଚାର, ସୋସିଆଲ ମିଡିଆ ଜରିଆରେ ଆମ ସମାଜରେ ଗୋଷ୍ଠୀ ବିଭାଜନ ସୃଷ୍ଟି, ସନାତନୀ ପରିବାରର ଏକାନ୍ନବର୍ତ୍ତୀ ଆଧାର ଉପରେ କୁଠାରାଘାତ କରି ଅଣୁ ପରିବାରକୁ ପ୍ରୋତ୍ସାହିତ କରିବା ଭଳି ବିଘଟନକାରୀ ତତ୍ତ୍ୱ ପ୍ରତି ଆମେ ସଚେତନ ରହିବା ଆବଶ୍ୟକ। ଭାରତୀୟ ସଂସ୍କୃତିର ସଂରକ୍ଷଣ ନିମିତ୍ତ ଆମକୁ ଏକଜୁଟ ହୋଇ ଲଢ଼ିବାକୁ ପଡ଼ିବ। ପରିଷଦର ବରିଷ୍ଠ ତଥା ସଂସ୍ଥାପକ ସଦସ୍ୟ ଶ୍ୟାମସୁନ୍ଦର ଶର୍ମା ଅତିଥି ପରିଚୟ ପ୍ରଦାନ ଏବଂ ଶାଖା ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ପରିଷଦର ପୂର୍ବତନ ଅଧ୍ୟକ୍ଷ ମକରଧ୍ୱଜ ଯୋଶୀ ମୁଖ୍ୟବକ୍ତା ଡଃ ପାଣ୍ଡେଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶାଖା ସଚିବ ସରୋଜ କୁମାର ମିଶ୍ର ବୈଠକ ସଞ୍ଚାଳନ କରିଥିବାବେଳେ ଅର୍ଥ ସଚିବ ଭକ୍ତବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**କଲେଜର ଅଧ୍ୟାପକଙ୍କୁ ନିର୍ଯାତନା ଅଭିଯୋଗ ଘଟଣା**

# କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ, ୧୨।୫(ସମିସ)

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଣେ ଅଧ୍ୟାପକଙ୍କୁ ନିର୍ଯାତନା ଦେବା ଅଭିଯୋଗ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ମାନଭଞ୍ଜନ କହଁର ଜାତିଆଣ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ନେଇ କଲେଜ ପରିଚାଳନା ସମିତିର ସଭାପତି ତଥା ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗତ ୬ ତାରିଖରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦନ୍ତକାରୀ କମିଟି ଆସି ସମସ୍ତ ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ କମିଟି ଆଗରେ ଅଧିକାଂଶ ବୟାନ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଏବଂ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀଙ୍କ ବିରୋଧରେ ଯାଇଥିବା ଜଣାଯାଉଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ହେବାରୁ ମଙ୍ଗଳବାର ଦିନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ରଛାତ୍ରୀ ଅଭିଯୋଗର ନିରପେକ୍ଷ ତଦନ୍ତ ଏବଂ ଦୋଷୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।ବିଳମ୍ବ ଘଟିଲେ ତଦନ୍ତ ପ୍ରକ୍ରିୟାରେ ବିଭ୍ରାଟ ଘଟିବାର ସମ୍ଭାବନା ନେଇ ପରିଷଦର ସଦସ୍ୟଗଣ ତଦନ୍ତ ପ୍ରକ୍ରିୟାରେ ଶିଘ୍ରତା ଆଣି ଦୋଷୀଙ୍କୁ ଉଚିତ ଦଣ୍ଡ ବିଧାନ କରି ଭୀମଭୋଇ କଲେଜର ଗୌରବକୁ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସିଦ୍ଧାନ୍ତ ମାଝୀ, ବିବେକ ମହାପାତ୍ର, ବାଦଲ ପ୍ରଧାନ, କ୍ରୀଷ୍ଣା ସାହୁ, ଶ୍ରେୟାଂଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



# ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ସାମୂହିକ ଯୋଗ କାର୍ଯ୍ୟକ୍ରମ

ସମ୍ବଲପୁର, ୧୨।୫ (ସମିସ) : ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପ୍ରସ୍ତୁତି ପାଇଁ, ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଜାରି ନିର୍ଦ୍ଦେଶ ଅନୁଯାୟୀ, ଆଜି ଗୋଶାଳା, ସମ୍ବଲପୁରସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ଉପ-ନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନ ଏବଂ ନେତୃତ୍ୱରେ ସାମୂହିକ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧିକାରୀ, କର୍ମଚାରୀ, ସୈନିକ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଯୋଗାଭ୍ୟାସ ମାଧ୍ୟମରେ ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ତାଙ୍କ ଅଭିଭାଷଣରେ, ଡେପୁଟି ଇନ୍ସପେକ୍ଟର ଜେନେରାଲ କହିଥିଲେ ଯେ, ଯୋଗ ଭାରତୀୟ ସଂସ୍କୃତିର ଏକ ଅମୂଲ୍ୟ ଐତିହ୍ୟ, ଯାହା ମାନବ ଜୀବନର ବିକାଶରେ ଯୋଗଦାନ କରେ। ଶୃଙ୍ଖଳା ହେଉଛି ସକାରାତ୍ମକ ଶକ୍ତି ଏବଂ ସ୍ୱାସ୍ଥ୍ୟ ସନ୍ତୁଳନ ପ୍ରତିଷ୍ଠା କରିବାର ଏକ ପ୍ରଭାବଶାଳୀ ମାଧ୍ୟମ। ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ର ସଫଳ ଆୟୋଜନ ପାଇଁ ସର୍ବାଧିକ ଜନ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହା ବ୍ୟତୀତ, ଆଗାମୀ ଦିନରେ, ସିଆର୍‌ପିଏଫ୍ ପକ୍ଷରୁ ଗ୍ରୁପ୍ ସେଣ୍ଟର ପରିସର ଏବଂ ବାହାର ଅଞ୍ଚଳରେ ବକ୍ତୃତା, କର୍ମଶାଳା, ଯୋଗ ଅଧିବେଶନ ଏବଂ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା ରହିଥିବା ଜଣାପଡ଼ିଛି।



## ବୋଝ ଉପରେ ନଳିତା ବିଡା

# ଟୋକନ ସମସ୍ୟା ଥିବା ଚାଷୀ ପୁଣି ଆବେଦନ କରିବେ

ବିଜେପୁର, ୧୨।୫(ସମିସ)

ରବି ଋତୁରେ ଧାନ ଚାଷ କରିଥିବା ଚାଷୀ ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ସମସ୍ତ କାଗଜପତ୍ର ଦେଇଥିଲେ। ମାତ୍ର ଏ ଯାଏ ଅଧିକାଂଶ ଚାଷୀଙ୍କ ଟୋକନ ଆସି ନାହିଁ। ଯେଉଁ କିଛି ଚାଷୀଙ୍କ ଟୋକନ ଆସିଛି ତାହା ମଧ୍ୟ ସ୍ୱଳ୍ପ ପରିମାଣର ଆସିଛି। ଏହାକୁ ସରକାରଙ୍କ ହାଫ୍ ଅଥବା କ୍ୱାଟର ଟୋକନ କହୁଛନ୍ତି। ଚାଷୀ ଧାରଉର୍ଦ୍ଧ୍ୱାର ଆଣି ଚାଷ କରିଛି, ଧାନ ବିକ୍ରି କରି ଋଣ ପରିଶୋଧ କରିବା ସହିତ ତାର ଆବଶ୍ୟକତା ପୂରଣ କରି ପାରିବ ବୋଲି ଅପେକ୍ଷା କରିଛି। ମାତ୍ର ଧାନ ବିକ୍ରି କାର୍ଡ ଅନିୟମିତା ଜନିତ ସମସ୍ୟା ପାଇଁ ଚାଷୀର ମୁଣ୍ଡ କାମ କରୁ ନାହିଁ। ସୋମବାର ମଣ୍ଡି ଖୋଲିବା ଦିନଠୁ ଚାଷୀ ଅସନ୍ତୁଷ୍ଟ ବୃଦ୍ଧି ପାଇଛି। ମଙ୍ଗଳବାର ଦିନ ବ୍ୟାପୀ ଜିଲ୍ଲପାଳ ତଥା ସମବାୟ ସମିତି ବିଭାଗୀୟ କାର୍ଯ୍ୟାଳୟ ଗୁଡିକରେ ଚାଷୀମାନେ ରୁଣ୍ଡ ହେବା ଦେଖିବାକୁ ମିଳିଛି। ଏଭଳି



### ସମବାୟ ସମିତି କର୍ମଚାରୀଙ୍କ ସର୍ଭେ ରିପୋର୍ଟ କୁଆଡ଼େ ଗଲା

ସ୍ଥିତିରେ ଟୋକନ ସମସ୍ୟା ଥିବା ଚାଷୀ ପୁଣି ଟୋକନ ପାଇଁ ଆବେଦନ କରିବେ ବୋଲି କୁହାଯାଇଛି। ଚାଷୀଙ୍କ ଆବେଦନ ଲାଗି ଆବେଦନ ପତ୍ର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଚାଷୀ ଚାଷ କରିଥିବା ମାଲିକାନାର ସମସ୍ତ କାଗଜ ପତ୍ର, ବୋରିଂ ଅଥବା ଜଳସେଚନ ସମ୍ବନ୍ଧୀୟ କାଗଜ ପତ୍ର, ବିଦ୍ୟୁତ୍ ବିଲ୍ ଆଦି ସହିତ ଫର୍ମପୂରଣ କରି ପ୍ରଦାନ କରିବାକୁ କୁହାଯାଇଛି। ଏତିକି ପରିମାଣରେ କାଗଜପତ୍ର ଯୋଗାଡ ସମସ୍ୟାରେ ଚାଷୀ ରହିବ କି ଧାନ ଅମଳ କରିବ, ଏହା ବଡ ପ୍ରଶ୍ନବାଚୀ ହୋଇଛି। ଧାନ ବିକ୍ରି ପାଇଁ ଆତୁର ହେଉଥିବା ଚାଷୀଙ୍କ ଭାବନା ସହିତ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଚାଷୀର ସମସ୍ତ କାଗଜପତ୍ର ସମବାୟ ସମିତି ଅଥବା ବିଭାଗୀୟ କାର୍ଯ୍ୟାଳୟରେ ରହିଥିବା ବେଳେ ପୁଣି କାହିଁକି ଏଭଳି ସମସ୍ୟା ସୃଷ୍ଟି କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ସରକାର ବିଶ୍ୱାସ କରୁଥିବା ସାଟେଲାଇଟ ସର୍ଭେ ହିଁ ସବୁଠାରୁ ଅଧିକ ଅନିୟମିତତା ଓ ଅସଙ୍ଗତି ସୃଷ୍ଟି କରିଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ରିଭର୍ଟ ହୋଇଥିବା କେତେକ ଚାଷୀଙ୍କ ବିଲରେ ସମବାୟ ସମିତି କର୍ମଚାରୀମାନେ ସରଜମୀନ ତଦନ୍ତ କରି କେତେ ପ୍ରତିଶତ ଚାଷ ହୋଇଛି ତାର ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ ସେହି ରିପୋର୍ଟ ଆଧାରରେ ଟୋକନ ପଞ୍ଜୀକରଣ ପାଇଁ ସରକାର ନିଷ୍ପତି ନେଇଛନ୍ତି କି ନାହିଁ ତାହା ଏବେ ବଡ ପ୍ରଶ୍ନ ହୋଇଛି। ତେଣୁ ପ୍ରକ୍ରିୟାର ସରଳୀକରଣ କରି କଷ୍ଟ ଉପାର୍ଜିତ ଧାନ ସରକାରୀ ମୂଲ୍ୟରେ କିଣିବା ପାଇଁ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଚାଷୀମାନେ ଦାବି କରୁଛନ୍ତି।

## ପଦ୍ମପୁର ୟୁକୋ ବ୍ୟାଙ୍କରେ ଗ୍ରାହକ ସେବା ପ୍ରଭାବିତ

ପଦ୍ମପୁର, ୧୨।୫(ସମିସ): ପଦ୍ମପୁର ୟୁକୋ ବ୍ୟାଙ୍କରେ କର୍ମଚାରୀ ଅଭାବରୁ ଗ୍ରାହକ ସେବା ପ୍ରଭାବିତ ହୋଇଛି। ଏହି ଶାଖାରେ କେବଳ ପଦ୍ମପୁର ନୁହେଁ; ପଦ୍ମପୁର ଆଖପାଖ ତଥା ଝାରବନ୍ଧର ଲୋକମାନେ ମଧ୍ୟ ନିର୍ଭର କରିଥାନ୍ତି। ଦୂର ସ୍ଥାନରୁ ଖର୍ଚ୍ଚ କରି ଆସୁଥିବା ଲୋକ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ପ୍ରାୟ ୨୦ହଜାରରୁ ଅଧିକ ଗ୍ରାହକ ଥିବା ଏହି ଶାଖାରେ ମଙ୍ଗଳବାର ଜଣେ ମାତ୍ର କର୍ମଚାରୀ ଥିଲେ। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ସୂଚନାଯୋଗ୍ୟ, ଏହି ଶାଖାରେ ସବୁବେଳେ କର୍ମଚାରୀ ଅଭାବ ଲାଗି ରହିଛି।

## ଥାନାରେ ମର୍ଣ୍ଣିଂ ବ୍ରିଫିଂ କମ୍ ରୋଲ କଲ୍



ବରଗଡ଼, ୧୨।୫(ସମିସ): ବରଗଡ଼ ଜିଲ୍ଲାର ସମସ୍ତ ଥାନାରେ ମଙ୍ଗଳବାର ସକାଳେ ମର୍ଣ୍ଣିଂ ବ୍ରିଫିଂ କମ୍ ରୋଲ କଲ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରିଜର୍ଭ ଇନ୍ସପେକ୍ଟର (ଆର୍‌ଆଇ) ଶାନ୍ତନୁ ପ୍ରଧାନୀଙ୍କ ସହ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ, ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବରଙ୍କ ସମେତ ଜିଲ୍ଲାର ସମସ୍ତ ଆଇଆଇସି ଓ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧିକାରୀମାନେ ପୁଲିସ କର୍ମଚାରୀଙ୍କୁ ତାଙ୍କ ଦାୟିତ୍ୱ ସମ୍ପର୍କରେ ସଚେତନ କରିବା ସହ ଶୃଙ୍ଖଳା, ସତର୍କତା ଓ ସାଧାରଣ ଲୋକଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉଚ୍ଚ ପଦସ୍ଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଓ ଗାଇଡଲାଇନ୍‌ଗୁଡ଼ିକ ବିଷୟରେ ମଧ୍ୟ ସମସ୍ତଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାରେ ଆଇନ ଶୃଙ୍ଖଳାକୁ ସୁଦୃଢ଼ ରଖିବା ସହ ଜନସେବାକୁ ଅଧିକ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ଏପରି ବ୍ରିଫିଂ ଆୟୋଜନ କରାଯାଉଥିବା ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନାଙ୍କ ପକ୍ଷରୁ କୁହାଯାଇଛି।

## ଅତାବିରା ମୁଖ୍ୟ ମଣ୍ଡିରେ ଧାନ ସଂଗ୍ରହ ଶୁଭାରମ୍ଭ



ଅତାବିରା, ୧୨।୫(ସମିସ): ବରଗଡ଼ ଜିଲ୍ଲାରେ ସୋମବାର ଦିନଠୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନ ବିଭିନ୍ନ ମଣ୍ଡିରେ ୨ ଦିନରେ ୭, ୮୨୯ ପାକେଟ୍ ଧାନ ଆସିଥିବା ବେଳେ ମଙ୍ଗଳବାର ସଂଧ୍ୟା ସୁଦ୍ଧା ୨ ହଜାର ୬୦ ପାକେଟ୍ ଧାନ ଯାଇଛି। ମଙ୍ଗଳବାର ଅତାବିରା ମୁଖ୍ୟ ମଣ୍ଡିରୁ ପ୍ରଶାସନ ଓ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଅନୁକୂଳ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷା ମଧୁଛନ୍ଦା ସାହୁ, ଭାରପ୍ରାପ୍ତ ତହସିଲଦାର ଅଙ୍କିତ ପଣ୍ଡା, ଅତିରିକ୍ତ ତହସିଲଦାର ଦୀପକ ପତି, ବ୍ଲକ କୃଷି ଅଧିକାରୀ ପିଙ୍କୁସେନ କର, ଓଡ଼ିଶା ରାଜ୍ୟ କୃଷକ ସଂଗଠନର ସଭାପତି ଭୁବନ ପ୍ରଧାନ, ଚାଷୀ ନେତା ବୀରେନ୍ଦ୍ର କର, ନରେନ୍ଦ୍ର ପ୍ରଧାନ, ସମୀର ପ୍ରଧାନ, ଦଶରଥ ଭୋଇ, ଜୟ କିଷାନ ଆନ୍ଦୋଳନର ଜିତୁ ବେହେରା, ଅରୁଣ ସାହୁ, ଆର୍‌ଏମସିର ଭଗବାନ ମିଶ୍ର, ଅଜୟ ବେହେରା, ଗୋପୀ ନାୟାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ଓ କୃଷକ ସଂଗଠନ ପକ୍ଷରୁ ଚାଷୀ ରାମାୟଣ ଗଡ଼ତିଆ ଓ ଆଶିଷ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ● ଭେଡେନ ମଧପଡ଼ା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପ୍ରମେୟ ଇଲେଭେନ ଓ ହାର୍ଟ ଇଲେଭେନ ବିଜୟ



ଭେଡେନ, ୧୨।୫(ସମିସ): ଭେଡେନସ୍ଥିତ ବଜାର ପ୍ରାଙ୍ଗଣ ଖେଳ ପଡ଼ିଆରେ ମଧପଡ଼ା କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟ ଚାଲିଛି। ପ୍ରଥମ ମ୍ୟାଚ ପ୍ରମେୟ ଇଲେଭେନ ଓ ଦେଶୀ ବ୍ଲାଷ୍ଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରମେୟ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରେ ୩ ଉଇକେଟ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ଜବାବରେ ଦେଶୀ ବ୍ଲାଷ୍ଟର ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୭ ରନ୍ ସଂଗ୍ରହ କରିଥିଲା। ଏହାଫଳରେ ପ୍ରମେୟ ଇଲେଭେନ ୫୫ ରନ୍‌ରେ ବିଜୟୀ ହୋଇଥିଲା। ଅତିଥି ଭାବେ ବିକାଶ କାଳସେ ଯୋଗଦେଇ ପ୍ରମେୟ ଇଲେଭେନର ମହେନ୍ଦ୍ର ରଣାଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ ଏସ୍‌ଜି ୱାରିୟର ଓ ହାର୍ଟ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ହାର୍ଟ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୫୮ରନ୍ ସଂଗ୍ରହ କରିଥିଲା। ଜବାବରେ ଏସ୍‌ଜି ୱାରିୟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟରେ ୧୪୦ ରନ୍ ସଂଗ୍ରହ କରିଥିଲା। ଏହାଫଳରେ ହାର୍ଟ ଇଲେଭେନ ୧୮ରେ ବିଜୟୀ ହୋଇଥିଲା। ସାମ୍ବାଦିକ ଜ୍ୟୋତି ରଞ୍ଜନ ମହାପାତ୍ର ଅତିଥି ଭାବେ ଯୋଗଦେଇ ହାର୍ଟ ଇଲେଭେନର ଟୁନା ସିଂଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ପ୍ରଦାନ କରିଥିଲେ। ଗୋବିନ୍ଦ ମେହେର ଓ ମୁକ୍ତି ରଞ୍ଜନ ବନଛୋର ପଚାଳନା କରିଥଲେ। ସ୍କୋରର ଭାବେ ବବୁଲୁ ବାରିକ ଓ ଓମ ଲହରିଆ ଦାୟତ୍ୱ ନିର୍ବାହ କରିଥିଲେ। ମଧପଡ଼ା କ୍ରିକେଟ କ୍ଲବର ରିତିକ ମେହେର, ଆଦର୍ଶ ପଧାନ, ଆଶୁତୋଷ ପଟେଲ, ଟଙ୍କ ନାଏକ, ନିଗମ ନାଏକ, ହାରଧାନ ଭୁକ୍ତା, ରିଙ୍କୁ ମଡ଼ପାଚି, ସୁନିଲ ସାହୁ, ଗଣେଶ ମହାଲିଙ୍ଗ, ସଞ୍ଜୟ ଲହରିଆ, ଜିତୁ ବାଗ, ସଚ୍ଚିଦାନନ୍ଦ ସାହୁ, ନିଖିଳ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ପାଇକମାଳ, ୧୨।୫(ସମିସ): ପାଇକମାଳ ବ୍ଲକ ଛେତଗାଁ ଗ୍ରାମର ଜଣେ ଯୁବକ କେନ୍ଦୁପତ୍ର ତୋଳିବାକୁ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଯୁବକ ଛେତଗାଁ ଗ୍ରାମର ଗନ୍ଧର୍ବ ଛତରଙ୍କ ପୁଅ ସାମନ୍ତ ଛତର (୪୧)।ସୂଚନା ଅନୁସାରେ, ସାମନ୍ତ ଛତର ମଙ୍ଗଳବାର ସକାଳେ ଅନ୍ୟମାନଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବା ପାଇଁ ଯାଇଥିଲେ। ସେହି ସମୟରେ ହଠାତ୍ ଜଙ୍ଗଲ ଭିତରୁ ଏକ ଭାଲୁ ବାହାରି ତାଙ୍କ ଉପରେ ଆକ୍ରମଣ କରିଥିଲା। ଭାଲୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଗୁରୁତର ଭାବେ କ୍ଷତବିକ୍ଷତ କରିଥିବା ଜଣାପଡ଼ିଛି।ସାମନ୍ତଙ୍କ ଚିତ୍କାର ଶୁଣି ପାଖରେ କେନ୍ଦୁପତ୍ର ତୋଳୁଥିବା ଲୋକମାନେ ଘଟଣାସ୍ଥଳକୁ ଧାଇଁ ଯାଇଥିଲେ। ସେମାନେ ଏକତ୍ର ହୋଇ ଭାଲୁକୁ ଘଉଡାଇ ସାମନ୍ତଙ୍କୁ ଉଦ୍ଧାର କରିଥିଲେ।ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ତାଙ୍କୁ ନୂଆପଡ଼ା ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତରମାନେ ତାଙ୍କୁ ରାୟପୁରକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ବର୍ତ୍ତମାନ ରାୟପୁରରେ ତାଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।ସାମନ୍ତ ଛତର ଜଣେ ଗରିବ ପରିବାରର ଲୋକ ହୋଇଥିବାରୁ ତାଙ୍କ ଚିକିତ୍ସା ପାଇଁ ପରିବାର ଚିନ୍ତାରେ ପଡ଼ିଛନ୍ତି। ଏହାକୁ ନେଇ ଗ୍ରାମବାସୀମାନେ ଜଙ୍ଗଲ ବିଭାଗ, କେନ୍ଦୁପତ୍ର ବିଭାଗ ଓ ସ୍ଥାନୀୟ ପ୍ରଶାସନଙ୍କ ନିକଟରେ ପୀଡ଼ିତ ପରିବାରକୁ ଉଚିତ କ୍ଷତିପୂରଣ ସହ ମାଗଣା ଓ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି। ଆଜି ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ଙ୍କ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।ପାଇକମାଳ ରେଞ୍ଜର ହୃଦାନନ୍ଦ ମିଶ୍ର ପରିବାରଙ୍କ ପାଖକୁ ଯାଇ ସରକାରଙ୍କ ତରଫରୁ ଯାହା କିଛି ବି ସାହାଯ୍ୟ ସହଯୋଗ ହେବ ସବୁ କିଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଲଖମରା ମଣ୍ଡିରେ ଚାଷୀ ମହଲରେ ଅସନ୍ତୋଷ

ପଦ୍ମପୁର, ୧୨।୫(ସମିସ): ସୋମବାରଠାରୁ ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡରେ ରବିଧାନ ସଂଗ୍ରହ ପକ୍ରିୟା ଆରମ୍ଭ ହୋଇଛି। ଉପଖଣ୍ଡର ମୋଟ ୫୯ଟି କେନ୍ଦ୍ରରେ ଧାନ ସଂଗ୍ରହ କରାଯିବ। ସେଥିମଧ୍ୟରୁ ୧୧ଟି ମୁଖ୍ୟ ବଜାର ପ୍ରାଙ୍ଗଣ ଓ ୨୫ଟି ସମବାୟ ସମିତିରେ ଧାନ ସଂଗ୍ରହ ହେବ। ମଙ୍ଗଳବାର ପାଇକମାଲ ବ୍ଲକ ଲଖମରା ମଣ୍ଡିରେ କେବଳ ଜଣେ ଚାଷୀ ୧୨୪ ପେକେଟ ଧାନ ଆଣିଥିବା ଆର୍‌ଏମସି ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ତେବେ ଧାନ ବିକ୍ରି ପୂର୍ବରୁ ଟୋକନ ସମସ୍ୟା ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଥିଲା। ଅନେକ ଚାଷୀଙ୍କ ପଞ୍ଜୀକୃତ ଜମି ତୁଳନାରେ କମ୍ ପରିମାଣର ଟୋକନ ଆସିଛି। ଧାନ ବିକ୍ରି ପାଇଁ ମେ ୨୨ତାରିଖ ପରେ ରହିଛି। ପଦ୍ମପୁର ଦର୍ବେ କେଲା ଗ୍ରାମର ଚାଷୀ ସନ୍ତୋଷ ମେହେର ୨.୫ହେକ୍ଟର ଜମି ପଞ୍ଜୀକୃତ କରିଥିବା ବେଳେ ବିକ୍ରି ପାଇଁ ମାତ୍ର ୧୩ କୁଇଣ୍ଟାଲ




୬୮ କେଜିର ଟୋକନ ଆସିଛି। ସେହିପରି ଏହି ଗ୍ରାମର ଛବିଳ ମେହେର, ସରୋଜ ମେହେର, ବାହାଦୁର ମେହେର ଭଳି ଅନେକ ଚାଷୀଙ୍କ ଜମି ତୁଳନାରେ ବହୁତ କମ୍ ପରିମାଣର ଟୋକନ ଆସିଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଟୋକନ ତାରିଖ ବିଳମ୍ବ ଓ ଅନେକ ଚାଷୀଙ୍କ ଏପର୍ଯ୍ୟନ୍ତ ଟୋକନ ପହଞ୍ଚି ନ ଥିବାରୁ ଚାଷୀଙ୍କ ଅମଳ ଧାନ ଖଳା ତଥା ରାସ୍ତାରେ ପଡ଼ି ରହିଛି। ଚାଷୀ ସାମ୍ଭାବ୍ୟ ଲଘୁଚାପ ଦେଖି ଆଶଙ୍କାରେ ରହିଛି। ଟୋକନ ସମସ୍ୟା ନେଇ ବୁଧବାର ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ଆବାହକ ଅଶୋକ ସାହୁ କହିଛନ୍ତି।

## ଉତ୍ସର୍ଗୀକୃତ ସେବା ପାଇଁ ନର୍ସ ସମ୍ବର୍ଦ୍ଧିତ

ବରଗଡ଼, ୧୨।୫(ସମିସ): ବରଗଡ଼ ଭଟଲି ଛକରେ ଥିବା ସାଇକୃପା ନର୍ସିଂହୋମ ପରିସରରେ ବିଶ୍ୱ ନର୍ସ ଦିବସ ମହାସମାରୋହରେ



ପାଳିତ ହୋଇଯାଇଛି। ରୋଗୀ ସେବାରେ ନର୍ସମାନଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନର୍ସିଂହୋମର ମୁଖ୍ୟ ଚିକିତ୍ସକ ଡାକ୍ତର ରାଜେଶ ତ୍ରିପାଠୀ ଏବଂ ଡାକ୍ତର ସୁସ୍ମିତା ଦାଶ ଏଥିରେ ଯୋଗଦେଇ ନର୍ସମାନଙ୍କୁ ସେମାନଙ୍କ ନିଷ୍ଠାପର ସେବା ପାଇଁ ଉତ୍ସାହିତ କରିବା ସହ ଉଦ୍‌ବୋଧନ ଦେଇଥିଲେ। ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ସହ ନର୍ସମାନଙ୍କ ସମନ୍ୱୟ ଏବଂ ଧୈର୍ଯ୍ୟ ରୋଗୀର ଆରୋଗ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କର୍ତ୍ତବ୍ୟରତ ସମସ୍ତ ନର୍ସଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ସ୍ମୃତି ଫଳକ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନର୍ସ ଦିବସ ପାଳନର ଐତିହାସିକ ପୃଷ୍ଠଭୂମି, ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଅବଦାନ ଏବଂ ଆଧୁନିକ ସ୍ୱାସ୍ଥ୍ୟସେବାରେ ଏହାର ଆବଶ୍ୟକତା ଉପରେ ବିସ୍ତୃତ ଆଲୋକପାତ କରାଯାଇଥିଲା।

## ଶୀତଳଷଷ୍ଠୀ ମହୋତ୍ସବର ବାର୍ଷିକ ସାଧାରଣ ବୈଠକ



ବରଗଡ଼, ୧୨।୫(ସମିସ): ବରଗଡ଼ ସ୍ଥିତ ରାଣୀବନ୍ଧ ଶ୍ରୀଗୌରୀଶଙ୍କର ମନ୍ଦିର ପରିଚାଳନା କମିଟି ତଥା ଶୀତଳ ଷଷ୍ଠୀ ମହୋତ୍ସବର ବାର୍ଷିକ ସାଧାରଣ ବୈଠକ ସଭାପତି ନିଧୁବନ ବିହାରୀ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଗତ ବର୍ଷର ଆୟବ୍ୟୟ କୋଷାଧ୍ୟକ୍ଷ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଶ୍ରୀଶ୍ରୀ ଶଙ୍କର ମନ୍ଦିର ପବିତ୍ର ଶୀତଳଷଷ୍ଠୀ ମହୋତ୍ସବକୁ ଆସନ୍ତା ଜୁନ୍ ୧୭ ତାରିଖରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ନେଇ ବୈଠକରେ ଆଲୋଚନା ହୋଇଥିଲା। ପରିଚାଳନା କମିଟି ପାଇଁ ସର୍ବସମ୍ମତିକ୍ରମେ ସଭାପତି ଭାବେ ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଉପସଭାପତି ଶୈଳେଶ କୁମାର ନାୟକ, ସମ୍ପାଦକ ସୁନୀଲ କୁମାର ପୁରୋହିତ, ସହ ସମ୍ପାଦକ ସଞ୍ଜୀବ କୁମାର ଦାସ, କୋଷାଧ୍ୟକ୍ଷ ପଞ୍ଚାନନ ମିଶ୍ର, ସହ କୋଷାଧ୍ୟକ୍ଷ ଭାବେ ସୂର୍ଯ୍ୟନାରାୟଣ ପଣ୍ଡାଙ୍କୁ ଚୟନ କରାଯାଇଥିଲା। ମହେନ୍ଦ୍ର ମହାପାତ୍ର, ଉପେନ୍ଦ୍ର ମହାପାତ୍ର, ସତ୍ୟଜିତ୍ କର, ସନ୍ତୋଷ ପରିଡ଼ା, ନିରାକାର ଡାଙ୍ଗ, ରାକେଶ ନାୟକ, ସୁରେଶ କୁମାର ଦାଶ, ମାନସ ଚାନ୍ଦ, ଇନ୍ଦୁ ଭୂଷଣ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକାରୀ କମିଟିରେ ଅଛନ୍ତି।

## ଅସହାୟ ବୃଦ୍ଧାଙ୍କ ଶବ ସଂସ୍କାର



ବରଗଡ଼, ୧୨।୫(ସମିସ): ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂକଳ୍ପ ପରିବାରର ସଦସ୍ୟ ଏକ ଅସହାୟ ସବ ସତ୍କାର କରିଛନ୍ତି। ବରଗଡ଼ ଅମ୍ବାପାଲି ଅଞ୍ଚଳରେ ରହୁଥିବା ମାଳତୀ ମଙ୍ଗରାଜ (୮୦)ନାମ୍ନୀ ଜଣେ ଅସହାୟ ବୃଦ୍ଧାଙ୍କ ମୃତ୍ୟୁପରେ ସଂଗଠନ ପକ୍ଷରୁ ତାଙ୍କର ଶେଷ ସଂସ୍କାର ସମ୍ପନ୍ନ କରାଯାଇଛି। ମାଳତୀ ମୂଳତଃ କଳାହାଣ୍ଡି ଜିଲ୍ଲାର ବାସିନ୍ଦା। ଦୀର୍ଘ ଦିନ ହେବ ବରଗଡ଼ ଅମ୍ବାପାଲି ୱାର୍ଡ ନଂ-୧୭ ରେ ସେ ତାଙ୍କ ସ୍ୱାମୀ ଦେବା ମଙ୍ଗରାଜଭ୍‌କ ସହ ରହି ଭିକ୍ଷାବୃତ୍ତି କରି ଗୁଜରାଣ ମେଣ୍ଟାଉଥିଲେ। ବାର୍ଦ୍ଧକ୍ୟ ଜନିତ କାରଣରୁ ମାଳତୀଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀ ଅତି ଗରିବ ଓ ଅସହାୟ ହୋଇଥିବାରୁ ଶବ ସଂସ୍କାର କରିବା ପାଇଁ ଅକ୍ଷମ ଥିଲେ। ଏ ସମ୍ପର୍କରେ ବରଗଡ଼ ଟାଉନ ଥାନା ପକ୍ଷରୁ ସଂକଳ୍ପ ପରିବାରକୁ ଅବଗତ କରାଯାଇ ଶବ ସଂସ୍କାର ପାଇଁ ଅନୁରୋଧ କରାଯାଇଥିଲା। ଖବର ପାଇ ସଂକଳ୍ପ ପରିବାରର ସଭାପତି ବିକାଶ ଆଗ୍ରୱାଲ, ଚିନ୍ମୟ ପାଣ୍ଡେ, ଅନନ୍ତ ଚରଣ ସାହୁ, ନୀଲେଶ ପଧାନ, ଭବାନୀ ସାହୁ ପ୍ରମୁଖ ସଦସ୍ୟମାନେ ତୁରନ୍ତ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ସମସ୍ତ ରୀତିନୀତି ଅନୁଯାୟୀ ବରଗଡ଼ ସ୍ୱର୍ଗଦ୍ୱାରଠାରେ ସସମ୍ମାନେ ଶବ ସଂସ୍କାର କରିଛନ୍ତି।

## ନର୍ସଙ୍କ ବିନା ସ୍ୱାସ୍ଥ୍ୟସେବା ପରିକଳ୍ପନା ଅସମ୍ଭବ

ବିଜେପୁର, ୧୨।୫(ସମିସ): ପ୍ରତିବର୍ଷ ମଇ ୧୨ ତାରିଖରେ ସମଗ୍ର ବିଶ୍ୱରେ ବିଶ୍ୱ ନର୍ସିଂ ଡେ ପାଳନ କରାଯାଉଛି। ଏହି ଅବସରରେ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ବିଶ୍ୱ ନର୍ସିଂ ଦିବସ ପାଳିତ ହୋଇଛି। ଷ୍ଟାଫ୍ ନର୍ସ କମଳିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନର୍ସମାନଙ୍କ ବିନା ସ୍ୱାସ୍ଥ୍ୟ ସେବାର ପରିକଳ୍ପନା ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା ଶୁଭେନ୍ଦୁ ମେହେର, ଶିଶୁ ରୋଗ ବିଶେଷଜ୍ଞ ଡା. ହେମନ୍ତ ପାଣ୍ଡିଆ, ଡା. ସୋନାଲୀ ମେହେର, ଡା. ସିଦ୍ଧାନ୍ତ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକ କବିତାଞ୍ଜଳି ଦାଶ, ଷ୍ଟାପ ନର୍ସ ଦୀପିକା ଛତ୍ରିଆ, ଡୋଳାମଣୀ ସାହୁ, ସ୍ମିତା କବିତା ଲୁଗୁନ, କାବ୍ୟକାନ୍ତି ଗିରି, ସୁଭଦ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମାଧୋ ସିଂଙ୍କ ଉପରେ ଭୁଲ୍ ତଥ୍ୟ ନେଇ ତାତିଲା ବିଜେଡି

ବରଗଡ଼, ୧୨।୫(ସମିସ)

୭ମ ଶ୍ରେଣୀ ପାଠ୍ୟ ପୁସ୍ତକ ସାହିତ୍ୟ ସୁମନରେ ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂ ଓ ତାଙ୍କ ପରିବାର ବର୍ଗଙ୍କ ବଳିଦାନ ଓ ଜୀବନୀ ଉପରେ ଭୁଲ୍ ତଥ୍ୟ ଉଲ୍ଲେଖ ରହିଛି। ବରଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଏହାକୁ ନେଇ ତାତିଛି। ତୁରନ୍ତ ଏହାର ସଂଶୋଧନ କରାଯାଉ। ରାଜ୍ୟ ସରକାର ସହିଦଙ୍କୁ ଅପମାନିତ କରିଥିବାରୁ ସର୍ବସମ୍ମୁଖରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦଳ ଦାବି କରିଛି। ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ର, କିଶୋର ମିଶ୍ର, ସୁବ୍ରତ ସିଂ, ପ୍ରଦ୍ୟୁମ୍ନ ତ୍ରିପାଠୀ, ବିକ୍ରମ ସିଂ, ଅନୁପ ଶତପଥୀ, ପ୍ରଫୁଲ୍ଲ ନାଏକ, ଗଣତନ୍ତ୍ର ପ୍ରଧାନ, ଦୟାନିଧି ପଟେଲ, ସୁନନ୍ଦା ପଣ୍ଡା, ଦିଲ୍ଲୀପ ପ୍ରଧାନ, ଆନନ୍ଦ ଖମାରୀ, ମଧୁ ପ୍ରଧାନ, ରୋଷନ୍ ପ୍ରଧାନ, ଜନକ ଅଗ୍ରୱାଲ, ଉମାଚରଣ ରାଉତ, କରନ ସିକନ୍ଦର, ଟିକେତ ମହଓମ୍, ଏମ ଡି ଜମିର, ସମୀର ବାରିକ, ଦୟାନିଧି ପଟେଲ ପ୍ରମୁଖ ବିଜେଡି ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତ୍ରୁଟି ନ ସୁଧାରିଲେ ବିଜେଡି ଆନ୍ଦୋଳନ ଆହୁରି ତୀବ୍ର କରିବ ବୋଲି ଚେତାବନୀ ଦେଇଛି।



# ମାଗଣା ଚକ୍ଷୁ ପରୀକ୍ଷା



ବରଗଡ଼,୧୨।୫(ସମିସ): ବରଗଡ଼ ପୁରୁଣା ଜୀରାବ୍ରିଜସ୍ଥିତ ରାଜ୍ ପୋଲି କ୍ଲିନିକ ଏବଂ ଡାଇଗନୋଷ୍ଟିକ ସେଣ୍ଟରର ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସ୍ଥାନୀୟକ୍ଲିନିକରେମାଗଣାଚକ୍ଷୁପରୀକ୍ଷାକାର୍ଯ୍ୟକ୍ରମଅନୁଷ୍ଠିତହୋଇଥିଲା। ରାଜ୍ ପୋଲି କ୍ଲିନିକର ଡ଼ାଇରେକ୍ଟର ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ମଞ୍ଚରେ ମହାନଦୀ ନେତ୍ରାଳୟର ମୁଖ୍ୟ ଡାକ୍ତର ରୋହିତ ସିଂହ,କ୍ଲିନିକର ଉପଦେଷ୍ଟା ନବକିଶୋର ପାଣିଗ୍ରାହୀ ମଞ୍ଚରେ ମଞ୍ଚାସୀନ ଥିଲେ। ପ୍ରଥମେ ସମସ୍ତ ଅତିଥିଙ୍କୁ କ୍ଲିନିକର ଡ଼ାଇରେକ୍ଟର ଶ୍ରୀ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ମହାନଦୀ ନେତ୍ର ଚିକିତ୍ସାଳୟର ମୁଖ୍ୟ ଡାକ୍ତର ସିଂ ଆଖିର ବିଭିନ୍ନ ସମସ୍ୟା ବିଷୟରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ଆୟୋଜିତ ସଭା କାର୍ଯ୍ୟକ୍ରମ ପରେ ଡାକ୍ତର ସିଂ ରିବନ କାଟି ଚକ୍ଷୁ ପରୀକ୍ଷା ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୧୫୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶେଷରେ ରାଜ୍ ପୋଲି କ୍ଲିନିକର ଉପଦେଷ୍ଟା ନବକିଶୋର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଇଦପାଲିରେ ଷୋହଳପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି



ପାଇକମାଳ,୧୨।୫(ସମିସ): ପାଇକମାଳ ବ୍ଲକ୍ ଅନ୍ତର୍ଗତ ବଇଦପାଲି ଗ୍ରାମରେ ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଯାଇଛି। ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ନାମଯଜ୍ଞ ୧୦ରେ ପୂର୍ଣ୍ଣାହୁତି ସହ ଶେଷ ହୋଇଛି।ତିନିଦିନ ଧରି ଚାଲିଥିବା ନାମଯଜ୍ଞରେ ଭଜନ, କୀର୍ତ୍ତନ ଓ ହରିନାମ ସଂକୀର୍ତ୍ତନରେ ସମଗ୍ର ଗ୍ରାମ ଭକ୍ତିମୟ ହୋଇଉଠିଥିଲା। ଯଜ୍ଞ କାର୍ଯ୍ୟକୁ ପଣ୍ଡିତ ମିତ୍ରଭାନୁ ଦେବତା ବିଧିବତ୍ ଭାବେ ସମ୍ପନ୍ନ କରାଇଥିବା ବେଳେ, ମମତା ସାହୁ ଓ ଟିକେଲାଲ ସାହୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।ବଇଦପାଲି ଗ୍ରାମବାସୀଙ୍କର ସମୂହ ସହଯୋଗ ଓ ସକ୍ରିୟ ଭୂମିକା ପ୍ରଶଂସନୀୟ ରହିଥିଲା। ପବିତ୍ର ନାମଯଜ୍ଞ ମାଧ୍ୟମରେ ଗ୍ରାମରେ ଶାନ୍ତି, ସମୃଦ୍ଧି ଓ ଭାଇଚାରାର ବାର୍ତ୍ତା ପ୍ରସାରିତ ହୋଇଥିବା ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି।

# ସଂଚାର ଗୁରୁ ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

ପାଇକମାଳ,୧୨।୫ (ସମିସ): ପାଇକମାଳ ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହରେ ପାଇକମାଳ ବ୍ଲକ୍ ଲୋକକଳା ସଂଘ ପକ୍ଷରୁ ସ୍ୱର୍ଗତ ସଂଚାର ଗୁରୁ ଦୁଃଖନାଶନ ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଲୋକକଳା ସଂଘ ସଭାପତି ଶୁକଦେବ ବେରିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ପ୍ରଫୁଲ୍ଲ ଉଦୁ ଯୋଗଦେଇ ସଂଚାର ଗୁରୁ ଦୁଃଖନାଶନ ବେହେରାଙ୍କ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅପର୍ଣ କରି ତାଙ୍କ କଳାଜୀବନ ତଥା ଶ୍ରୀ ବେହେରା ସଂଚାର କଳାର ଜଣେ ବରିଷ୍ଠ ଗବେଷକ ଭାବେ ରାଜ୍ୟ ଏବଂ ରାଜ୍ୟରେ ବାହାରେ ସଂଚାର କଳା ପ୍ରଦର୍ଶନ କରି ସଂଚାର କଳା ବଞ୍ଚାଇଥିଲେ। ସେ ଜାପାନ, ଦିଲ୍ଲୀକୁ ଯାଇ ମଧ ତାଙ୍କ ସଂଚାର କଳା ପ୍ରଦର୍ଶନ କରି ନିଅ ଅଞ୍ଚଳର ତଥା ରାଜ୍ୟର ଗୌରବ ଆଣିଛନ୍ତି ବୋଲି ମତପୋଷଣ କରି ସ୍ମୃତିଚାରଣ କରିଥିଲେ। ଲୋକକଳା ସଂଘ ବରିଷ୍ଠ କଳାକାର କର୍ପୁଞ୍ଚନ ଛତର, ଶାନ୍ତିଲାଲ ପ୍ରଧାନ, ଗଣେଶ ସୁନା, ଦୁର୍ଲ୍ଲଭ ହରିପାଲ, ଭିକ୍ଷ୍ମଣ ସାହୁ, ଆଦି ସୁନା, ଗିରିଧାରୀ ବାଗ, ଅକ୍ରୁର ଥପା, ଗଣ୍ଡୁ ବରିହା, ଶ୍ରୀଧର ଷାଣ୍ଢ,ସାଗର ପଟେଲ, ଗଣେଶ କୁମ୍ଭାର, କୃପାରାମ ଭଇସାଲ, ନବୀନ କଠାର ପ୍ରମୁଖ ଉପସ୍ଥିତ ରହି ସଂଚାର ଗୁରୁ ଦୁଃଖନାଶନ ବେହେରା ଙ୍କ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅପର୍ଣ କରି ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଗଣେଶ ସୁନା ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

● ବାଣିଜ୍ୟକ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି

# କାଠ ଭରସାରେ ହୋଟେଲ ଓ ଦୋକାନୀ

ପଦ୍ମପୁର,୧୨।୫(ସମିସ): ଦୁଇ ମାସରୁ ଅଧିକ ସମୟ ଧରି ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ସମଗ୍ର ଦେଶରେ ଜାଳେଣୀ ସଂକଟ ଦେଖାଦେଇଛି। ଫଳରେ ବହୁ ହୋଟେଲ ଓ ଜଳଖିଆ ଦୋକାନ କାଠ ଉପରେ ନିର୍ଭର କରୁଛନ୍ତି। ପୂର୍ବରୁ ପଦ୍ମପୁର ଅଞ୍ଚଳର ସମସ୍ତ ଉଠା ଟିଫିନ ତଥା ଫାଷ୍ଟ ଫୁଡ ଦୋକାନୀ ଗ୍ୟାସ୍ ଉପରେ ନିର୍ଭର କରୁଥିଲେ କିନ୍ତୁ ବାଣିଜ୍ୟକ ଗ୍ୟାସର ମୂଲ୍ୟ ବୃଦ୍ଧି ସେମାନଙ୍କ ପାଇଁ ସମସ୍ୟା ଆଣିଛି।ଏଥିପାଇଁ ସହର ତଥା ଗ୍ରାମାଞ୍ଚଳରେ ଜାଳେଣୀ କାଠର ଚାହିଦା ବୃଦ୍ଧି ପାଇଛି।ଗ୍ୟାସ୍‌ର ସମସ୍ୟା ଦେଖି ରାସ୍ତା କଡର ଉଠା ଦୋକାନୀ ଆଗକୁ ଜାଳେଣୀ କାଠ ସଂଗ୍ରହ କରି ଗଚ୍ଛିତ ରଖିଛନ୍ତି।ଏହାରି ସୁଯୋଗ ନେଇ ଅନେକ କାଠ ମାଫିଆ ସକ୍ରିୟ ହୋଇ ଉଠିଛନ୍ତି।ଜଙ୍ଗଲରୁ କାଠ କାଟିବା ପାଇଁ ସେମାନେ ଜଙ୍ଗଲ ଅଞ୍ଚଳରେ ଶ୍ରମିକ ନିୟୋଜିତ କରି କାଠ କାଟୁଥିବା ଅଭିଯୋଗ ହେଉଛି।ଏଥିପ୍ରତି ଜଙ୍ଗଲ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।ନଚେତ ଯେଉଁ ଭଳି ଗଛ କଟା ଚାଲିଛି ଜଙ୍ଗଲ ଶୂନ୍ୟ ପାଇଁ ବେଶୀ ଦିନ ଲାଗିବ ନାହିଁ ବୋଲି ପରିବେଶବିଦ୍ ମତ ଦେଇଛନ୍ତି।

# ଇଚ୍ଛାମୃତ୍ୟୁ ଆବେଦନ କରିଥିବା ଚାଷୀଙ୍କୁ ଭେଟିଲେ ବିଜେଡି ନେତୃମଣ୍ଡଳୀ

## ନିବୃତ୍ତ ରହିବାକୁ ଆଶ୍ୱାସନା | ଜୋରଦାର ହେବ ଆନ୍ଦୋଳନ

ଭେଡେନ,୧୨।୫(ସମିସ)



ଭେଡେନ ବ୍ଲକ୍ ଅନ୍ତର୍ଗତ ରେମଣ୍ଡା ପାକ୍ସ ଅଧିନ ତାଲମେଣ୍ଡା ପଞ୍ଚାୟତର ଶତାଧିକ ଚାଷୀଙ୍କ ପ୍ରାୟ ୨୮ ହଜାର ପେକେଟ ଧାନ ପଞ୍ଜିକୃତ ନ ହୋଇ ବିକ୍ରୟ ହୋଇପାରିନାହିଁ।ଆଜକୁ ପ୍ରାୟ ଦୁଇମାସ ହେବ ଚାଷୀ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ଦିନରାତି ବସିଛନ୍ତି।ହେଲେ ପ୍ରଶାସନ ନା ସରକାର କେହି ତତ୍ପରତା ଦେଖାଉଛନ୍ତି ନା ଚାଷୀଙ୍କ ପାଖକୁ ଆସୁଛନ୍ତି। ଇତି ମଧ୍ୟରେ ଚଳିତ ବର୍ଷର ଜିଲ୍ଲା ଧାନକ୍ରୟ କମିଟିର ବୈଠକ ଚାଷୀ ପ୍ରତିନିଧିଙ୍କୁ ଗିରଫ କରି ଥାନାମାନଙ୍କରେ ଅଟକ ରଖି ବିନା ଚାଷୀରେ ବୈଠକ କରି ବିଧାୟକମାନେ ଦାୟିତ୍ୱହୀନ ମନ୍ତବ୍ୟ ଚାଷୀମାନଙ୍କୁ ହତୋତ୍ସାହିତ କରିଛି।ଚାଷୀମାନେ ବାରମ୍ବାର ବିଭିନ୍ନ ପ୍ରତିକାତ୍ମକ ପ୍ରତିବାଦ କରି ଆଜି ହତାସ ହେଲେଣି। ସୋମବାର ଭେଡେନ ବ୍ଲକ୍‌କୁ ଜନଶୁଣାଣି ପାଇଁ ଆସିଥିବା ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବରେ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି ଚାଷୀ ବିକାଶ ଭୋଇ ଓରଫ ରୋହିତ। ସେ ଲିଖିତ ଭାବରେ ଜଣାଇଛନ୍ତି କି ଗତ ରବିରୁତୁର ଧାନ ବିକି ନପାରି ସହଁରାଟିକ୍ରା ମଡେଲ ମାର୍କେଟରେ ପଡି ରହିଛି।ସେଥିପାଇଁ ସେ ଚାପରେ ଥିବା କହିଛନ୍ତି।ଘରେ ତାଙ୍କ ବୃଦ୍ଧ ମାଆ-ବାପା ଶର୍ଯ୍ୟାଶାୟୀ ଅଛନ୍ତି।ତାଙ୍କପାଇଁ ଔଷଧ ଟିକିଏ ପାଇଁ ପଇସା ନାହି। ପିଲାଙ୍କ ପାଠପଢା ପାଇଁ ପଇସା ନାହିଁ ଘର ଚଳିବ କେମିତି ମାନସୀକ ଭାବେ ଚିନ୍ତାଗ୍ରସ୍ତ ହୋଇ ଏଭଳି ଚରମପଦକ୍ଷେ ନେଇଥିବା ଜଣାଯାଏ। ଏହି ଖବରକୁ ନେଇ ସାରାରାଜ୍ୟରେ ହୋଇଚଇ ସୃଷ୍ଟି ହୋଇଛି।ଏଭଳି ଏକ ସ୍ୱର୍ଶକାତର ତଥା ହୃଦୟ ବିଦାରକ ଘଟଣା ଜାଣିଲା ପରେ ଚାଷୀ ବିକାଶ ଭୋଇଙ୍କୁ ଭେଟିବିକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ତାଲମେଣ୍ଡାରେ ପହଞ୍ଚି ତାଙ୍କୁ ଆସ୍ୱାସନା ଦେବା ସହିତ ଚାଷୀ ବିକାଶ ଭୋଇଙ୍କ ଠାରୁ ସମସ୍ତ ଘଟଣା ଶୁଣିବା ପରେ ତାଙ୍କୁ ପ୍ରତିନିଧି ମଣ୍ଡଳୀ ଭାଙ୍ଗି ନ ପଡି ନିଜ ପରିବାର ଓ ପିଲାଙ୍କ ଭବିଷ୍ୟତ ପାଇଁ ଧର୍ଯ୍ୟର ସହ ରହିବା ପାଇଁ ବୁଝାଇଛନ୍ତି। ପ୍ରତ୍ୟେକ ପରିସ୍ଥିତିରେ ବିଜେଡି ତୁମସହ ରହି ଲଢେଇ କରିବ ବୋଲି ଭରଷା ଦେଇଛନ୍ତି।କୌଣଷି ପ୍ରକାର ଚରମ ପଦକ୍ଷେପ ନ ନେବାକୁ ଅନୁରୋଧ କରିଛନ୍ତି। ପରେ ପ୍ରତିନିଧି ମଣ୍ଡଳୀ ସହଁରାଟିକ୍ରା ମଡେଲ ମାର୍କେଟକୁ ଯାଇ ଧାନର ସ୍ଥିତି ପରଖିଛନ୍ତି।ଏହି ପ୍ରତିନିଧ ମଣ୍ଡଳୀରେ ରାଜ୍ୟପରିଷଦ ସଭ୍ୟ ଗୌରହରି ମିଶ୍ର ,ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର ,ଭେଡେନ ବ୍ଲକ୍ ବିଜେଡି ସଭାପତ ହରିଶଙ୍କର ବେହେରା ,ମହିଳା ସଭାନେତ୍ରୀ ପଦ୍ମିନୀ ଗଡତିଆ ,ପଞ୍ଚାୟତ ସଭାନେତ୍ରୀ ପୁଷ୍ପା ଦାସ,ବରିଷ୍ଠନେତା ମହମଦ୍ ଜମିର,ବିଜୟ ଭୋଇ ,ଗୋବିନ୍ଦ ଚଉଳିଆ ,ସରୋଜ ସାହୁ ,ରାଜିବ ମହାପାତ୍ର ,ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଚାଷୀଙ୍କ ବୃଦ୍ଧ ମାତା ପିତାଙ୍କ ଦୁଇମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ବନ୍ଦ କରାଯିବା ଷଡଯନ୍ତ୍ର କି। ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିବା ଚାଷୀ ତଥା ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ଇଚ୍ଛାମୃତ୍ୟୁ କାମନା





କରିଥିବା ଚାଷୀଙ୍କ ବୃଦ୍ଧ ପିତା ଯାହାଙ୍କ ବୟସ ୯୪ ବର୍ଷ ଏବଂ ମାଆଙ୍କ ବୟସ ୮୫ବର୍ଷ ଉଭୟେ ଶଯ୍ୟାଶାୟୀ। ଫଳରେ ଔଷଧ ପାଇଁ ଖର୍ଚ୍ଚ କରୁଥିବା ପୁଅ ଅସହାୟ ହୋଇ ପଡିଛନ୍ତି। ଜଣେ ଚାଷୀଙ୍କ ପ୍ରତି ପ୍ରଶାସନର ଅବହେଳାର ନଗ୍ନ ଚିତ୍ର ବାରି ହୋଇପଡୁଛି।

● ବରଗଡ଼ ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କ ସହ ସାଂସଦଙ୍କ ଆଲୋଚନା

ବରଗଡ,୧୨। ୫(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବରଗଡ଼ ଲୋକସଭା ସଦସ୍ୟ ପ୍ରଦୀପ ପୁରୋହିତ ଭୁବନେଶ୍ୱରସ୍ଥିତ ବାସ ଭବନରେ ସୋମବାର ସାକ୍ଷାତ କରି ବରଗଡ଼ ସାଂସଦୀୟ କ୍ଷେତ୍ରର ବହୁ ସମସ୍ୟା ଓ ପ୍ରସଙ୍ଗ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ବିଶେଷ ଭାବରେ ବରଗଡ଼-ନୂଆପଡ଼ା ରେଲୱେ ଲାଇନ୍ ପାଇଁ ଜମି ଅଧିଗ୍ରହଣ ଓ କାର୍ଯ୍ୟ ତ୍ୱରାନ୍ୱିତ କରିବା,ବରଗଡ଼ କେନ୍ସର ହସ୍ପିଟାଲ ତୁରନ୍ତ ସଚଳ କରିବା,ଝାରସୁଗୁଡ଼ା



ଜିଲ୍ଲାରେ ପ୍ରତିଷ୍ଠିତ ସମସ୍ତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ରାଜ୍ୟର ଅନ୍ୟାନ୍ୟ ସ୍ଥାନ ପରି ବରଗଡ଼ ଚିନିକାରଖାନାକୁ ପୁନଃ ଉଦ୍ଧାର କରିବା , ନୃସିଂହନାଥ-ହରିଶଙ୍କର ମଧ୍ୟରେ ରୋପ୍‌ୱେ ନିର୍ମାଣ କରିବା,ଧାନ ସଂଗ୍ରହ ନୀତି,କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ସମସ୍ୟା ଆଦି ପ୍ରସଙ୍ଗରେ ଦୀର୍ଘ ସମୟ ଧରି ମୁଖ୍ୟମନ୍ତ୍ରୀ ଓ ସାଂସଦଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

# ନିଖିଳ ଉତ୍କଳ କୁଲି ମେହେର ସମାଜର ବୈଠକ

ବରପାଲି,୧୨।୫(ସମିସ):ବରପାଲି ଆଶୀର୍ବାଦ କଲ୍ୟାଣ ମଣ୍ଡପ ପରିସରରେ ନିଖିଳ ଉତ୍କଳ କୁଲି ମେହେର ସମାଜ, ବରଗଡ ଜିଲ୍ଲା ସ୍ତରିୟ ତୃତୀୟ କାର୍ଯ୍ୟକାରୀଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ମଧୁସୂଦନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଭାବରେସୁବଳମେହେର, ପୂର୍ବତନ ନାବାର୍ଡ ଅଧିକାରୀ ଓଡ଼ିଶା, ସମ୍ମାନିତ ଅତିଥି ଭାବରେ ଦଶରଥ ମେହେର, ସଭାପତି ନିଖିଳ ଉତ୍କଳ କୁଲି ମେହେର ସମାଜ,ଡୋଲାମଣି



ମେହେର, ମୁଖ୍ୟ ଉପଦେଷ୍ଟା, ରାଜ୍ୟ କମିଟି, ରାମ ମେହେର, ଉପସଭାପତି ରାଜ୍ୟ କମିଟି, ଘନଶ୍ୟାମ ମେହେର, ସଭାପତି ନିଖିଳ ଉତ୍କଳ କୁଲି ମେହେର ସମାଜ, ସୁବର୍ଣ୍ଣପୁର ଜିଲ୍ଲା, ପୁରନ ମେହେର, ସଂପାଦକ ନିଖିଳ ଉତ୍କଳ କୁଲି ମେହେର ସମାଜ ଯୋଗ ଦେଇଥିଲେ। ବରଗଡ ଜିଲ୍ଲା ନିଖିଳ ଉତ୍କଳ କୁଲି ମେହେର ସମାଜ ସଂପାଦକ ସୁଦାମ ମେହେର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାରେ ବରଗଡ ଜିଲ୍ଲା ଅନ୍ତର୍ଗତ ୫୮ ଖଣ୍ଡ ଗ୍ରାମର ତିନିଶହରୁ ଅଧିକ ଲୋକଙ୍କ ଯୋଗଦାନ୍ ରହିଥିଲା। ବାଗବାଡି ଗ୍ରାମର ଧିରେନ ମେହେରଙ୍କୁ ସମାଜ ତରଫରୁ ଉପଢୌକନ ସହ ମାନପତ୍ର ପ୍ରଦାନ କରଯାଇଥିଲା।୨୦୨୫-୨୬ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର/ଛାତ୍ରୀ ବାଦଲ ମେହେର, ଶ୍ରୀୟା ମେହେର, ନମିତା ମେହେର, ଆୟୁଷ ମେହେର, ଭାଗ୍ୟବତି ମେହେର, ଆୟେଶା ମେହେର, ଶୁଭଶ୍ରୀ ମେହେର, ଟିକି ମେହେର, ମାନିନୀ ମେହେରଙ୍କୁ ମାନପତ୍ର ଓ ଉପଢ଼ୈକନ ଦେଇ ସମ୍ମାନିତ କରାଯାଇଥିଲା। ଜିଲ୍ଲା ସଭାପତି ମଧୁସୂଦନ ମେହେର ନିଜ ଜାତି ସମାଜର ଭାଇ ଓ ଭଉଣୀଙ୍କ ପାଇଁ ଆଗାମୀ ଦିନରେ ଆର୍ଥିକ ଅସୁବିଧାରେ ଥିବା ଛାତ୍ରଛାତ୍ରୀଙ୍କ ନାମଲେଖା ସହ ପାଠ ପଢାରେ ସାହାଯ୍ୟ ସହଯୋଗ ନିଖିଳ ଉତ୍କଳ କୁଲି ମେହେର ସମାଜ ତରଫରୁ ପ୍ରଦାନ କରିଯିବ ବୋଲି ଘୋଷଣା କରିଥିଲେ। ସଭାରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ତିଲାରାମ ମେହେର, ଜିଲ୍ଲା କୋଷାଧକ୍ଷ ନିବାସ ମେହେର, ଜିଲ୍ଲା ସହ ସଂପାଦକ ରତନ ମେହେର, ସନ୍ତୋଷ ମେହେର, ଉପସଭାପତି ରୋହିତ ମେହେର ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। ବରପାଲି, କୁସନପୁରୀ ଗ୍ରାମର ସଦସ୍ୟ ଭାଇମାନେ ସଭା ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ଝାରବନ୍ଧରୁ ସରକାରୀ ବସ୍ ସେବା ପାଇଁ ଦାବି

● ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



ଝାରବନ୍ଧ,୧୨।୫(ସମିସ):ଝାରବନ୍ଧ ବ୍ଲକ୍‌ର ସଚେତନ ନାଗରିକମାନେ ଝାରବନ୍ଧ ତହସିଲଦାରଅଲେଖଘୁଟାଙ୍କମାଧ୍ୟମରେମୁଖ୍ୟମନ୍ତ୍ରୀମୋହନଚରଣମାଝୀଙ୍କଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଝାରବନ୍ଧରୁ ବରଗଡ଼ ଓ ଭୁବନେଶ୍ୱରକୁ 'ମୁଖ୍ୟମନ୍ତ୍ରୀ ବସ୍‌ସେବା' ଆରମ୍ଭ କରିବାକୁ ଦାବି କରାଯାଇଛି।ସଚେତନ ନାଗରିକମାନଙ୍କ କହିବା ଅନୁସାରେ, ଝାରବନ୍ଧ ବ୍ଲକ୍‌ରୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ବସ୍‌ସେବା ଚାଲୁ ହୋଇନଥିବାରୁ ଛାତ୍ରଛାତ୍ରୀ,ରୋଗୀ, କର୍ମଚାରୀ, ଚାଷୀ ଓ ସାଧାରଣଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାରଙ୍କ'ମୁଖ୍ୟମନ୍ତ୍ରୀ ବସ ସେବା' ଯୋଜନା ଅନୁସାରେ ଝାରବନ୍ଧକୁ ଯୋଡ଼ାଯାଇଲେ ଅଞ୍ଚଳର ଯାତାୟାତ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ହରିଜନ, ନୀଳାମ୍ବର ସାହୁ, ବିଷ୍ଣୁଚରଣ ସାହୁ, ଦିବସ କୁମାର ସାହୁ, କରୁଣା ପ୍ରଧାନ, ରାହୁଲ ସେଠ, ମହେନ୍ଦ୍ର ପ୍ରଧାନ, ଟିକେଶ୍ୱର ପଟେଲ, ଦୟାନିଧି ସାହୁ, ଶରତ କୁମାର ସାହୁ,ଅକ୍ରୁର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭେଡେନ ମଧ୍ୟପଡ଼ା ପ୍ରିମିୟର ଲିଗ କ୍ରିକେଟ୍; ପ୍ରମେୟ ଇଲେଭେନ ବିଜୟୀ

ଭେଡେନ,୧୨।୫(ସମିସ):ଭେଡେନ ସ୍ଥିତବଜାର ପ୍ରାଙ୍ଗଣସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ମଧ୍ୟପଡ଼ା କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ସୋମବାର ଅନୁଷ୍ଠିତ ମ୍ୟାଚ୍ ପ୍ରମେୟ ଇଲେଭନ ଓ ଦେଶି ବ୍ଲାଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦେଶି ବ୍ଲାଷ୍ଟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରେ ସମସ୍ତ ଉଇକେଟ ହରାଇ ୬୯ରନ ସଂଗ୍ରହ କରିଥିଲା ଜବାବରେ ,ପ୍ରମେୟ ଇଲେଭେନ ବ୍ୟାଟିଂ କରି ୯.୧ ଓଭରରେ ୪ ଉଇକେଟ ହରାଇ ୭୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।ଅନୁଷ୍ଠିତ ମ୍ୟାଚ୍‌ରେ ଅତିଥି ଭାବରେ ଗୌର ଦେହେରି ଓ ସୁଶାନ୍ତ ସାହୁ ଯୋଗଦାନ କରି ପ୍ରମେୟ ଇଲେଭେନର ହାରାଧନ ଭୁକ୍ତା ମେନ ଅପ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।ଅନୁଷ୍ଠିତ ମ୍ୟାଚ୍‌କୁ ମୁକ୍ତିରଞ୍ଜନ ବନଛୋର ଓ ଜଲେଶ ନାଏକ ପଚାଳନା କରିଥିବା ବେଳେ ସ୍କୋରର ଭାବରେ ରାହୁଲ ଅଦାବର ଓ ଓମ ଲହରିଆ ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟପଡ଼ାର ଏମଡି ରାଜୁ,ରୀଙ୍କୁ ମଡ଼ପାଚି, ସୁନିଲ ସାହୁ, ଆରତ ପଟେଲ, ଗଜିନ ମେହେର, ରାଜା ମେହେର, ଜିତୁ ବାଗ,ସଚିଦାନନ୍ଦ ସାହୁ, ଗଣେଶ ମହାଲିଙ୍ଗ, ସଂଜୟ ଲହରିଆ,ସିବିଲ ପଧାନ,ସୁବଳ ଥପା, ସଞ୍ଜୟ ଲହରିଆଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମାଣ୍ଡୋସିଲ ଦ୍ୱିତୀୟ ନାଇଟ୍ କ୍ରିକେଟ କପ୍ ଉଦ୍‌ଘାଟିତ

ପାଇକମାଳ,୧୨।୫(ସମିସ): ପାଇକମାଳ ବ୍ଲକ୍ ମାଣ୍ଡୋସିଲ ଗ୍ରାମରେ ଆୟୋଜିତ ଦ୍ୱିତୀୟ ନାଇଟ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି।ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ବ୍ଲକ୍ କଂଗ୍ରେସ କମିଟି ସଭାପତି ମହେନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଖେଳାଳିଙ୍କୁ ଖେଳ ସ୍ପୃହା, ଶୃଙ୍ଖଳା ଓ ଭାଇଚାରା ମନୋଭାବ ସହିତ ଖେଳିବାକୁ ପ୍ରେରଣା ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଉଗ୍ରସେନ ପ୍ରଧାନ ଗ୍ରାମୀଣ ଅଞ୍ଚଳରେ ଏପରି କ୍ରୀଡା ଆୟୋଜନ ଯୁବପିଢିଙ୍କୁ ସଠିକ୍ ପଥରେ ଆଗେଇ ନେବା ସହ ସାମାଜିକ ଏକତାକୁ ମଜବୁତ କରେ। ସେ ଆୟୋଜକକମିଟିଙ୍କଉଦ୍ୟମକୁଭୁରିଭୁରିପ୍ରଶଂସାକରିଥିଲେ।ଉଦଘାଟନୀ ମ୍ୟାଚ୍‌କୁ ଦେଖିବା ପାଇଁ ବହୁ ସଂଖ୍ୟକ କ୍ରିକେଟ ପ୍ରେମୀ ଓ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ରାତ୍ରିକାଳୀନ ଆଲୋକ ସଜ୍ଜା ମଧ୍ୟରେ ଖେଳ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ହୋଇଉଠିଥିଲା।ଉଦ୍‌ଘାଟନୀ ମ୍ୟାଚ୍ ବରତୁଣ୍ଡା ଓ ସହିତ ଭରୁଆମୁଣ୍ଡା ମଧ୍ୟରେ ହୋଇଥିଲା। ଯୋଗିନ୍ଦ୍ର ହଂସ ଓ ହେମାନନ୍ଦ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବିଜୁ ବରିହା କାର୍ଯ୍ୟ ତୁଲାଇଥିଲେ।ନିପୁ କୁମ୍ଭାର ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୨୮ଟି ଦଳ ଅଂଶଗ୍ରହଣ କରିବେ ଯାହା ଆଗାମୀ ଦିନଗୁଡ଼ିକରେ ବିଭିନ୍ନ ଦଳ ମଧ୍ୟରେ ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ଲୋକ ରଞ୍ଜନୀ' ଉଦ୍‌ଘାଟିତ

ବରଗଡ଼,୧୨।୫(ସମିସ)



ଡ଼ିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ସଙ୍ଗୀତ ଏକାଡେମୀ ଏବଂ ଓଡ଼ିଶା ପ୍ରଦେଶର ସଂସ୍କାର ଭାରତୀ ପକ୍ଷରୁ ସୋମବାର ଠାରୁ ୩ ଦିନ ଯଦୁମଣି ପ୍ରେକ୍ଷାଳୟ ବରଗଡ଼ରେ "ଲୋକ ରଞ୍ଜନୀ" କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ସାଂସଦ ବରଗଡ଼ ପ୍ରଦୀପ କୁମାର ପୁରୋହିତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ।ବରଗଡ଼ ମାଟି ହେଉଛି କଳାକାରଙ୍କ ମାଟି। ସବୁବେଳେ କଳାକାରଙ୍କୁ ଏହି ମାଟି ସମ୍ମାନ ଦେଇ ଆସିଛି ଆଜି ରାଜ୍ୟର ସମସ୍ତ ଜିଲ୍ଲା ମଧ୍ୟରୁ ବରଗଡ଼ ଜିଲ୍ଲା ରେ ଲୋକ ରଞ୍ଜନି କାର୍ଯ୍ୟକ୍ରମ ପ୍ରଥମ କରି ଅନୁଷ୍ଠିତ ହେଉ ଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ସାଂସଦ ପ୍ରଦୀପ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛଉ ନୃତ୍ୟ,ଘଣ୍ଟ ପାଟୁଆ,ଲଉଡ଼ି, ଡାଲଖାଇ, ପରଭା ନୃତ୍ୟ,ଡାପ ନୃତ୍ୟ, କୋନାବରୀ ନୃତ୍ୟ, ଶବ୍ଦ ନୃତ୍ୟ, ଜାମୁଡାଲି, ନଟନିଆ,ବଜନିଆ, ବଜାସାଲ, ଘୁଡ଼କା ନୃତ୍ୟ, ପାଇକ ଆଖଡ଼ା, ଘୋଡାନାଚ, ବାଘ ନୃତ୍ୟ, ଧୁନକେଲ୍, ଘୁମୁରା, ଖଞ୍ଜଣି, କୁଇ ନୃତ୍ୟ , ଦୁରୁଆ ନୃତ୍ୟ, ଝୁମେର ଆଦି ଲୋକନୃତ୍ୟ ପରିବେଶବିତ୍ ହୋଇଥିଲା ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ସଚିବ ଚନ୍ଦ୍ର ଶେଖର ହୋତା, ଡ.ଅରୂପା ନନ୍ଦ ସାହୁ, ଡ.ସତ୍ୟ ସାଇ ନାଏକ,ଗଦାଧର ବାରିକ, ଡ, ତପସ୍ୱନୀ ଗୁରୁ, ଗୋପାଳ ଦାଶ , କେଶ ରଞ୍ଜନ ପ୍ରଧାନ, ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲଙ୍କ ସମେତ ବହୁ ବିଶିଷ୍ଟ କଳାକାର ଉପସ୍ଥିତ ଥିଲେ।

# ଝାରବନ୍ଧରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ଝାରବନ୍ଧ,୧୨।୫(ସମିସ): ଝାରବନ୍ଧ ଥାନାରେ ନୂତନ ଥାନା ଅଧିକାରୀ ଭାବେ ସଞ୍ଜୟ କୁମାର ପରିଡା ଯୋଗଦାନ କରିଛନ୍ତି।ସୋମବାର କାର୍ଯ୍ୟଭାର ଗ୍ରହଣ କରି ଥାନାର କର୍ମଚାରୀମାନଙ୍କ ସହ ପରିଚୟ ପରେ ଅଞ୍ଚଳର ଆଇନଶୃଙ୍ଖଳାସ୍ଥିତି ଉପରେ ସମୀକ୍ଷା କରିଥିଲେ। ବରଗଡ ସାଇବର ଥାନାରେ କାର୍ଯ୍ୟ କରୁଥିଲେ। ଥାନା ଅଧିକାରୀ ଶ୍ରୀ ପରିଡା କହିଛନ୍ତି ଯେ, ଝାରବନ୍ଧ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ତାଙ୍କର ପ୍ରଥମ ପ୍ରାଥମିକତା ରହିବ। ବିଶେଷକରି ଅପରାଧ ନିୟନ୍ତ୍ରଣ, ନିଶାଦ୍ରବ୍ୟ ଚୋରାଚାଲାଣ ରୋକ ଏବଂ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ କାମ କରିବେ ବୋଲି କହିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ କରିବା ସହ ତାଙ୍କର କାର୍ଯ୍ୟକାଳରେ ଝାରବନ୍ଧରେ ଆହୁରି ସୁଦୃଢ଼ ପୁଲିସ ବ୍ୟବସ୍ଥା ଓ ଜନସାଧାରଣଙ୍କ ସହ ସୁସମ୍ପର୍କ ଗଢ଼ିଉଠିବ ବୋଲି ଆଶା ପ୍ରକାଶ କରିଛନ୍ତି।

### ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀ ମୃତ୍ୟୁ ଘଟଣା

# କ୍ୱାକ୍‌ଙ୍କୁ ସାହସ ଦେଉଛି ମୁରିବାହାଲ ପୁଲିସ

**କଣ୍ଟାବାଞ୍ଜି/ମୁରିବାହାଲ,୧୨।୫(ସମିସ)** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଦିନକୁ ଦିନ କ୍ୱାକମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ୱାକଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଅନେକ ରୋଗୀଙ୍କ ଜୀବନ ଯାଉଛି। ମୁରିବାହାଲ ବ୍ଲକରେ କ୍ୱାକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ନିକଟରେ ଜଣେ କ୍ୱାକଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀର ମୃତ୍ୟୁ ଘଟିଛି। ଏବେ ଘଟଣା ରଫାଦଫା ପାଇଁ ମୃତକଙ୍କ ପରିବାର ଲୋକଙ୍କୁ କ୍ୱାକ୍ ଜଣକ ୧ ଲକ୍ଷ ଟଙ୍କା ଦେଇଥିବା ଜଣାପଡ଼ିଛି।

ଗତ ରବିବାର ଦିନ ମୁରିବାହାଲ ଥାନା କର୍ଲ୍ଲାପିଟା ଗାଁର କୌଶଲ୍ୟା ପନିକା ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ଚିକିତ୍ସା ପାଇଁ ତାଙ୍କ ନାତୁଣୀ ତାଙ୍କୁ ନିକଟସ୍ଥ ହଳଦୀ ଗ୍ରାମରେ ଥିବା କ୍ୱାକ ଟୁନୁ ବରଗର୍ତ୍ତଙ୍କ କ୍ଲିନିକକୁ ନେଇଥିଲେ। ଟୁନୁ ତାଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ; ମାତ୍ର ଇଞ୍ଜେକ୍ସନ ନେବାର କିଛି ସମୟ ପରେ କୌଶଲ୍ୟାଙ୍କ ମୃତ୍ୟୁ ଘଟିଥିଲା। ରୋଗୀର ମୃତ୍ୟୁ ଘଟିଥିବା ଜାଣିବା ପରେ ଟୁନୁ କ୍ଲିନିକରେ ତାଲା ପକାଇ ପଳାଇଥିଲେ। ଏବେ ମୃତଙ୍କ



ପରିବାରକୁ ୧ଲକ୍ଷ ଟଙ୍କା ଦେଇ ପାଟି ଚୁପ୍ କରିଛନ୍ତି। ସେମାନେ ମଧ ଟଙ୍କା ନେଇଥିବା

**ମାମଲା ରଫାଦଫା ପାଇଁ ମୃତ ବୃଦ୍ଧାଙ୍କ ପରିବାର ଲୋକଙ୍କୁ ଲକ୍ଷେ ଟଙ୍କା**

ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଟୁନୁ ବରଗର୍ତ୍ତଙ୍କ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀଙ୍କ ମୃତ୍ୟୁ ଘଟିଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ମୁରିବାହାଲ ପୁଲିସ ସବୁ ଜାଣି ମଧ ଚୁପ୍ ରହିଛି। ଜଣେ ଲୋକଙ୍କ ଜୀବନର ମୂଲ୍ୟ କ'ଣ ମାତ୍ର ୧ଲକ୍ଷ ଟଙ୍କା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ତେବେ କ୍ୱାକ୍ ଟୁନୁ ବରଗର୍ତ୍ତ ବର୍ଷ ବର୍ଷ ଧରି ନିୟମ ଉଲ୍ଲଂଘନ କରି ଏହି ବେଆଇନ କାର୍ଯ୍ୟ କରି ଆସୁଛନ୍ତି। ସ୍ଥାନୀୟ ପୁଲିସ ଚୁପ୍ ରହୁଥିବାରୁ କ୍ୱାକଙ୍କ ସାହସ ବଢ଼ିଯାଉଥିବା ସ୍ପଷ୍ଟ ହେଉଛି।

## ବାଉଁଶୁଣୀରେ ଜବରଦଖଲ ଉଚ୍ଛେଦ



**ଶଗଡା,୧୨।୫(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ବାଉଁଶୁଣୀଠାରେ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବାଉଁଶୁଣୀ ଛକଠାରେ ରାସ୍ତା ଓ ସରକାରୀ ଜମିକୁ ମାଡି ବସିଥିବା ଘରଗୁଡିକୁ ପ୍ରଶାସନ ପକ୍ଷରୁ ବୁଲଡୋଜର ସାହାଯ୍ୟରେ ଭଙ୍ଗା ଯାଛି। ସରକାରୀ ଜମି ଓ ରାସ୍ତା ଜବରଦଖଲ କରିଥିବା ଲୋକଙ୍କୁ ପୂର୍ବରୁ ପ୍ରଶାସନ ପକ୍ଷରୁ ନୋଟିସ ମାଧ୍ୟମରେ ସୂଚନା ଦିଆ ଯାଇଥିଲା। ଶେଷରେ ଏହାକୁ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ସମୟରେ ବୌଦ୍ଧ ଅତିରିକ୍ତ ତହସିଲଦାର ମହମଦ ରଜାଏ ରସୁଲ, ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ରାଜସ୍ୱ ସୁପରଭାଇଜର ହମିଦ ମଲ୍ଲିକ, ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୋନାଲି ମୋନିକା ବିଶି ପ୍ରମୁଖ ବାଉଁଶୁଣୀ ପୁଲିସ ସହ ଉପସ୍ଥିତ ଥିଲେ।

**● ମାସେ ହେଲା ନଳକୂପ ଅଚଳ**

## ପାଣି ପାଇଁ ହନ୍ତସନ୍ତ ଗମ୍ଭାରୀ ଗୋରା ଗ୍ରାମବାସୀ

**ଶଗଡା,୧୨।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଳାସପୁର ପଞ୍ଚାୟତ ପଦରପଡା ନିକଟ ଗମ୍ଭାରୀଗୋରା ଗ୍ରାମରେ ଥିବା ନଳକୂପ ଦୀର୍ଘ ୧ମାସରୁ ଅଧିକ ହେବ ଅଚଳ ହୋଇ ପଡିରହିଛି। ଏଣୁ ଗାଁର ୨୦ ପରିବାର ୬୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପରେ ଲୋକେ ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ; ହେଲେ ୧ମାସରୁ ଅଧିକ ଦିନ ବିତି ଯାଇଥିଲେ ସୁଦ୍ଧା ନଳକୂପ ମରାମତି ନ ହେବା ପରିତାପର ବିଷୟ



ବୋଲି ଗ୍ରାମବାସୀ କହିଛନ୍ତି। ଏହି ଘଟଣାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧ମାସରୁ ଅଧିକ ହେବ ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଚଣ୍ଡ ଖରା ସମୟରେ ପାଣିର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ଗୁଡିକୁ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଡ. ବିଷ୍ଣୁ ତ୍ରିପାଠୀଙ୍କୁ ରୌପ୍ୟରତ୍ନ ସମ୍ମାନ



**ମନମୁଣ୍ଡା,୧୨।୫(ସମିସ):** ମନମୁଣ୍ଡା ନିବାସୀ ତଥା ବୌଦ୍ଧ ବ୍ଲକ କସୁରବନ୍ଧ ପଞ୍ଚାୟତ ନୂଆଁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଶିଷ୍ଟ ଗୀତିକବି, ସ୍ତମ୍ଭକାର ଡ. ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କୁ ସନ୍ଥକବି ଭୀମ ଭୋଇ କାବ୍ୟ ରୌପ୍ୟରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଡା. ନବକିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭୁବନେଶ୍ୱର ଓଡ଼ିଶା ସାହିତ୍ୟ ସଂଗଠନ ର ୧୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏବଂ ସମ୍ମାନିତ ଅତିଥିଭାବେ ସାହିତ୍ୟିକ ବସନ୍ତ ରଥ, ଡା. ମଙ୍ଗଳୁ ଦାଶ ଯୋଗ ଦେଇଥିଲେ। ଡ. ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ପ୍ରଶଂସାପତ୍ର ଦେଇ ରୌପ୍ୟରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା।

## ଦେଉଳପଦରରେ ଡୁମ୍ବାଳ ସମାଜର ଗ୍ରାମ କମିଟି ଗଠିତ

**ତରଭା,୧୨।୫(ସମିସ):** ତରଭା ବ୍ଲକ୍ ଦେଉଳପଦର ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଦେଉପଦର କେନ୍ଦ୍ର ଡୁମ୍ବାଳ ସମାଜ ଗଙ୍ଗା ମହାସଭାରେ ଗ୍ରାମ କମିଟି ଗଠିତ ହୋଇଯାଇଛି। ଦେଉଳପଦର କେନ୍ଦ୍ର ସଭାପତି ପ୍ରେମରାଜ ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଉପ ସଭାପତି ଲକ୍ଷ୍ମଣ ବସ୍ତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମ କମିଟିର ମହତ୍ତ୍ୱ ପ୍ରତିପାଦିତ କରିବା ସହ ପରିବାର ସର୍ଭେ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥି ଭାବେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ ଯୋଗଦେଇ ଜାତିର ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ କିଶୋର କର୍ମୀ ଯୋଗଦେଇ ତୃଣମୂଳସ୍ତରୁ ଗ୍ରାମ କମିଟି ସୁଦୃଢ ହେଲେ ସମାଜରେ ଥିବା କୁପ୍ରଥା, ଅନ୍ଧ ବିଶ୍ୱାସ ଦୂର ହୋଇପାରିବ। ସମାଜର ସଂସ୍କୃତି, ପରମ୍ପରା ଧର୍ମୀୟ ରୀତିନୀତି ବିଲୁପ୍ତି ପଥରୁ ରକ୍ଷା କରାଯାଇପାରିବ ବୋଲି କହିଥିଲେ। ଏହି ଅବସରରେ ଏକ ଗ୍ରାମ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ରାମ ପ୍ରସାଦ କମ୍ପ, ଉପ ସଭାପତି ବୁଦ୍ଧଦେବ ବଘାର, କୋଷାଧ୍ୟକ୍ଷ ଗଣେଶ୍ୱର କମ୍ପ, ସଭ୍ୟ ଭାବେ ଦିଲ୍ଲୀପ ମହାକୁର, ଲାଲ ଖେତୀ, ଠୁନକୁ ଖେତି, ରବୀନ୍ଦ୍ର କର୍ମୀ, ମିଳୁ ଡାଙ୍ଗ, ସୁଦାମ ଦେହେରୀ, ମାୟାଧର ଖେତି, ଗଜପତି ଅମାତ, ତ୍ରିପୁରାରୀ ବସ୍ତିଆ, ଗୋପାଳ ପାତ୍ରଙ୍କୁ ସର୍ବସମ୍ମତି କ୍ରମେ ନିଆଯାଇଥିଲା। ଶେଷରେ ପ୍ରେମରାଜ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ବଢିଗାଁରେ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ବୈଠକ

**ବୌଦ୍ଧ,୧୨।୫(ସମିସ):** ବୌଦ୍ଧ ବ୍ଲକ୍ ବଢିଗାଁରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଯୁବ କେନ୍ଦ୍ରର ଶ୍ୱେତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହା ସମ୍ପନ୍ନ ହୋଇଥିଲା। ବଢିଗାଁ ଅଙ୍ଗନବାଡ଼ି କର୍ମୀ, ୱାର୍ଡ ସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ବାଲ୍ୟ ବିବାହର କୁପରିଣାମ, କିଶୋରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଅବନତି, ଶିକ୍ଷାରୁ ବଞ୍ଚିତ ହେବା, ଆର୍ଥିକ ନିର୍ଭରଶୀଳତା ଓ ପାରିବାରିକ ସମସ୍ୟା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା।

## ବିନା ସୂଚନାଫଳକରେ ରାସ୍ତାକାମ



**କଣ୍ଟାମାଳ,୧୨।୫(ସମିସ):** ଜନସାଧାରଙ୍କ ଗମନା ଗମନ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଯୋଜନା କରି ଆସୁଛନ୍ତି। ସରକାରୀ ବାବୁ ଓ ଠିକାଦାର କିନ୍ତୁ ମିଳିମିଶି କୋଟି କୋଟି ଟଙ୍କାର ଯୋଜନାକୁ ଆତ୍ମସାତ କରୁଛନ୍ତି। ନିମ୍ନମାନର କାମ କରି ସରକାରୀ ଟଙ୍କା ଲୁଟୁଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଲମ୍ବସରୀ ପଞ୍ଚାୟତ ବଡ଼ଝରମୁଣ୍ଡାରୁ ବଡ ଫେସ ଫେର୍ଡି ରାସ୍ତାରେ ହୋଇଥିବା କାମରୁ ଏହା ସ୍ପଷ୍ଟ ହୋଇଛି। ଏହି ରାସ୍ତାରେ ମୋରମ ଛିଞ୍ଚି ଦେଇ ସରକାରୀ ଟଙ୍କା ହଡପ କରାଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। କେଉଁ ବିଭାଗ ପକ୍ଷରୁ କାମ କରାଯାଇଛି, କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ନେଇ କୌଣସି ତଥ୍ୟ ନ ଥିବା ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି।

### ଏମିନେନ୍ସ୍ ଇନଷ୍ଟିଚ୍ୟୁଟ ଅଫ୍ ନର୍ସିଂରେ ଅନ୍ତର୍ଜାତୀୟ ନର୍ସ ଦିବସ

## ଡାକ୍ତରଙ୍କ ସହ ନର୍ସମାନଙ୍କ ଭୂମିକା ସମାନ

**ଡୁଙ୍ଗୁରିପାଲି,୧୨।୫(ସମିସ):** ଜଣେ ନର୍ସ ରୋଗୀଙ୍କ ମନରେ ଆଶା ଓ ସାହସ ସଞ୍ଚାର କରିଥାନ୍ତି। କୋଭିଡ୍ ସମୟର ନର୍ସମାନଙ୍କ ତ୍ୟାଗକୁ କେହି ଭୁଲିପାରିବେନି। ନର୍ସିଂ ଛାତ୍ରଛାତ୍ରୀ ନିଜ ପେଶାକୁ ଏକ ବ୍ରତ ଭାବେ ଗ୍ରହଣ କରିବା ଆବଶ୍ୟକ। ନର୍ସମାନେ ଜ୍ଞାନ ସହିତ ଧୈର୍ଯ୍ୟ ଓ ଦୟାଭାବ ରଖିବା ଆବଶ୍ୟକ। ସ୍ୱାସ୍ଥ୍ୟ ସଚେତନତା ଓ ସମାଜ ଗଠନରେ ନର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ସହ ନର୍ସମାନଙ୍କ ଭୂମିକା ସମାନ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଏମିନେନ୍ସ୍ ଇନଷ୍ଟିଚ୍ୟୁଟ ଅଫ୍ ନର୍ସିଂ ପକ୍ଷରୁ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ ଅବସରରେ ଏହି ମତ ପ୍ରକାଶ ପାଇଛି। ଏହି ଅବସରରେ ଆଧୁନିକ ନର୍ସିଂର ଜନନୀ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଜନ୍ମଦିନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେବା ଓ ମାନବିକତାର ଜୟଗାନ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷୟିତ୍ରୀ ସୁସ୍ମିତା ସୁନା ସଭା ସଂଚାଳନ କରିଥିଲେ। ସୌମ୍ୟରଞ୍ଜନ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂସ୍ଥାର ଅଧ୍ୟକ୍ଷା ଯଶସ୍ୱିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ କିଶୋର ମେହେର ଓ ବ୍ଲକ ସମ୍ବାଦିକ ସଂଘ ସମ୍ପାଦକ ମୁକେଶ ଭୋଇ ମଞ୍ଚାସୀନ ଥିଲେ। ମିଲି ମେହେର, ଲକ୍ଷ୍ମୀ ବାଗ, ପଦ୍ମାଳୟା ବସ୍ତିଆ, ଶୁଭଶ୍ରୀ ନାଏକ, ଡଲି କୁମ୍ଭାର ଓ ବବିତା ସୁନା ଦେଶଭକ୍ତିମୂଳକ ନୃତ୍ୟ ଓ ସମାଜ ସଚେତନତାମୂଳକ ନାଟକ ପ୍ରଦର୍ଶନ କରିଥିଲେ। ନର୍ସମାନଙ୍କ ସଂଘର୍ଷମୟ ଜୀବନ ଓ ମାନବ ସେବା ଉପରେ ଆଧାରିତ ଏହି ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଛାତ୍ରୀ ସାନିଆ ସାହୁ ନର୍ସ ଦିବସ ଉପରେ ଓଜସ୍ୱିନୀ ଭାଷଣ ଦେଇ ନର୍ସମାନଙ୍କୁ 'ହସ୍ପିଟାଲର ହୃଦୟ' ବୋଲି କହିଥିଲେ; ଯାହା ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା।



**● ରୋଗୀ ମନରେ ନର୍ସ ଆଶା ଓ ସାହସ ସଞ୍ଚାର କରିଥାନ୍ତି**

**● କୋଭିଡ୍ ସମୟର ନର୍ସମାନଙ୍କ ତ୍ୟାଗକୁ କେହି ଭୁଲିପାରିବେନି**

## ଗୋଧି ସଂରକ୍ଷଣ ଉପରେ ସଚେତନତା

**ହରଭଙ୍ଗା,୧୨।୫(ସମିସ):** ହରଭଙ୍ଗା ବ୍ଲକ୍ ଭେଜିଗୋରା ଗ୍ରାମରେ ମଙ୍ଗଳବାର ଓଡିଶା ଜୈବ ବିବିଧତା ବୋର୍ଡ (ଭୁବନେଶ୍ୱର) ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବେସରକାରୀ ସଂସ୍ଥା ପାହାଡର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ଲୋକଙ୍କୁ ସଚେତନ କରାଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା, ଗ୍ରାମ୍ୟ ସଭାପତି ରବୀନ୍ଦ୍ର ପାତ୍ର, ପ୍ରଧାନ ଶିକ୍ଷକ ପୁରନ୍ଦର ରଣା, ଗବେଷକ ଭବାନୀଶଙ୍କର, ରାଜେଶ ବେହେରା, ସୁଦୀପ୍ତ ଦାସ, ବୈଜ୍ଞାନିକ ଡକ୍ଟର ସତ୍ୟନାରାୟଣ ବେହେରା, ପ୍ରକାଶ ବେହେରା ଯୋଗ ଦେଇଥିଲେ। ଗୋଧି କିପରି ଆମ ପରିବେଷରେ ସୁରକ୍ଷିତ ରହିପାରିବ, ତାହାର ରକ୍ଷଣା ବେକ୍ଷଣ ଦାୟିତ୍ୱ, ଗୋଧି ବଞ୍ଚିଲେ ପରିବେଶର କି ଉପକାର ହେବ ସେ ବିଷୟରେ ସଭାରେ ଲୋକଙ୍କୁ ଅବଗତ କରାଯାଇଥିଲା।



## ଗଞ୍ଜେଇ କାରବାରରେ ୮ ଗିରଫ





**କଣ୍ଟାମାଳ/ଶଗଡ଼ା,୧୨।୫(ସମିସ):** ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ପୁଲିସ ଖୁଣ୍ଟିଗୋରା ପଞ୍ଚାୟତର ଭଡ଼େର ଛକରେ ଗଞ୍ଜେଇ ଚୋରାଚାଲାଣବେଳେ ଏକ ଅଟୋରୁ ଜଣେ ମହିଳାଙ୍କ ସମେତ ୬ଜଣ ଆନ୍ତଃରାଜ୍ୟ ମାଫିଆଙ୍କୁ ଗିରଫ କରିଛି। ଏମାନେ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଗୁରୁପଡ଼ା ଗ୍ରାମର ଅକ୍ଷୟ ଦିଗାଲ(୨୪), ମହାରାଷ୍ଟ୍ର ରାଜ୍ୟର ରାଜ ଶେଷରାଜ ଚୌହାନ (୩୩), ଗୁଜୁରାଟ ରାଜ୍ୟର ବରାଳି ସୁରଜ ରାମଙ୍କେଭାଲ(୩୪), ବିହାର ରାଜ୍ୟର ଚନ୍ଦନ କୁମାର (୨୦), ଗୁଜରାଟର ଉସମାନ ଅଲି ନାଜିବୁଲ୍ଲା ଶୈକ (୩୨) ଓ ଡାମନ ଏଣ୍ଡ ଡିଉର ମଧୁ ମଙ୍ଗର (୩୫)। ତେବେ ଏମାନଙ୍କଠାରୁ ମାତ୍ର ୨୧ କେଜି ଗଞ୍ଜେଇ ଜବତ ହୋଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ବୌଦ୍ଧ ଜିଲ୍ଲା ବାଉଁଶୁଣୀ ପୁଲିସ ଉଡବିଲିକା ଗ୍ରାମ ନିକଟରେ ଚଢ଼ଉ କରି ୯୩ କେଜି ଗଞ୍ଜେଇ ଜବତ କରିଛି। ମାଫିଆ କିନ୍ତୁ ଫେରାର ମାରିଛନ୍ତି। ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## କେନାଲ ପାଣି ଯୋଗାଣ ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବି କଲେ ଚାଷୀ



**ବୌଦ୍ଧ,୧୨।୫(ସମିସ):** ବୌଦ୍ଧସ୍ଥିତ ଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ କେନାଲ ପାଣି ଯୋଗାଣ ପାଇଁ ମୁଣ୍ଡାପଡ଼ା ପଞ୍ଚାୟତ ଖମାରୀପଡା ଗ୍ରାମର ରବି ଧାନ ଚାଷୀ ଦାବି କରିଛନ୍ତି। କିଛି ଦିନ ହେଲା କେନାଲ ମରାମତି କାର୍ଯ୍ୟ ନିମନ୍ତେ ଜଳ ସେଚନ ବିଭାଗ ସାଲୁଙ୍କି ବାମ ପାଶ୍ୱର୍ ମୁଖ୍ୟ କେନାଲରେ ପାଣି ଛାଡିବା ବନ୍ଦ କରିଛି। ଏହାଫଳରେ କେନାଲ ଉପରେ ନିର୍ଭର କରି ଶହ ଶହ ଏକର ଜମିରେ ରବି ଧାନ ଚାଷ କରିଥିବା ଚାଷୀ ହତାଶ ହୋଇଛନ୍ତି। ଆଉ ଗୋଟିଏ ଥର ଜଳ ସେଚନ ହେଲେ ଧାନ ଅମଳ ହେବ। ତେବେ ଜଳ ସେଚନ ବିଭାଗ ଯନ୍ତ୍ରୀଙ୍କ ଠିକାଦାର ପ୍ରୀତି ଯୋଗୁଁ ଜଳ ଯୋଗାଣ ବନ୍ଦ କରାଯାଇଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ସେଥିପାଇଁ ସେମାନେ ଆଜି ବୌଦ୍ଧ ଆସି ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଥିଲା।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ବୌଦ୍ଧ,୧୨।୫(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପ୍ରଗଳପୁର ପୋଲ ନିକଟରେ ବାଇକ ଦୁର୍ଘଟଣାରେ ସାମ୍ପୋଚ ଗ୍ରାମର ମନୋରଞ୍ଜନ ସାହୁଙ୍କ ମୃତ୍ୟୁ ଘଟିଛି। ମନୋରଂଜନ ରାମଗଡ଼ ପଟୁ ନିଜ ଗ୍ରାମର କୃପାସିନ୍ଧୁ ସ୍ୱାଇଙ୍କ ସାଙ୍ଗରେ ବାଇକ୍ ପଛରେ ବସି ଫେରୁଥିଲେ। ପ୍ରଗଳପୁର ପୋଲ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ହୋଇଥିଲା। ମନୋରଂଜନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବୌଦ୍ଧ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଆଣିଥିଲ। ତାଙ୍କ ଭାଇ ଚିତ୍ତରଞ୍ଜନ ସାହୁ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ଓଡ଼ିଆରେ ସରକାରୀ କାର୍ଯ୍ୟ ପାଇଁ ପ୍ରଶିକ୍ଷଣ

**ତରଭା,୧୨।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଏକ ପ୍ରୟୋଗାତ୍ମକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ମନୋରଞ୍ଜନ ପାଣିଗ୍ରାହୀ, ଡ. ସଞ୍ଜୟ ପଣ୍ଡା ଏବଂ ଡ. ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଜିଲ୍ଲାର ସମସ୍ତ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼. ସାହୁ କହିଛନ୍ତି ଯେ, ଓଡ଼ିଆ ଭାଷାର ଆନ୍ଦୋଳନକାରୀମାନଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି। ଓଡ଼ିଆ ଭାଷାରେ ଅନେକ କାମ କରିହେବ। ପିଲାମାନେ ଓଡ଼ିଆ କହିଲେ ଗର୍ବିତ ହେବା ଉଚିତ। ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଆର ବ୍ୟବହାର କରାଯାଇପାରିବ। ଓଡ଼ିଆ ଭାଷାର ବ୍ୟବହାରରେ ଜିଲ୍ଲା ରାଜ୍ୟରେ ପ୍ରତିନିଧିତ୍ୱ କରିବ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଥିଲେ। ଶିବିରରେ ଓଡ଼ିଆ ଭାଷାରେ କାମ କରିବା ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ସଚେତନତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଓଡିଶା ପାଇଁ ଓଡ଼ିଆ ଭାଷା ସର୍ବଶ୍ରେଷ୍ଠ ବୋଲି ଉଲ୍ଲେଖ କରାଯାଇଥିଲା। ଓଡ଼ିଆ ଭାଷା ଦ୍ୱାରା ଶାସକ ଓ ଶାସିତ ମଧ୍ୟରେ ସମନ୍ୱୟ ସୃଷ୍ଟି ହେବ ବୋଲି କୁହାଯାଇଛି।



## ପୂର୍ବଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

**ଡୁଙ୍ଗୁରିପାଲି,୧୨।୫(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ସୁଲେଇ ଛକରେ ପୂର୍ବଶତ୍ରୁତାରୁ ଜରେ ଯୁବକଙ୍କୁ ଆକ୍ରମଣ ହୋଇଛି। ରାତିରେ ଘରକୁ ଫେରୁଥିବା ଜଣେ ଯୁବକଙ୍କୁ ୫ଜଣ ଦୁର୍ବୃତ୍ତ ଆକ୍ରଣ କରିଛନ୍ତି। ସମ୍ପୃକ୍ତ ବାଇକ୍ ଆରୋହୀ ଯୁବକଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହାପରେ ତାଙ୍କଠାରୁ ୩୦୦୦ଟଙ୍କା ନେଇ ଫେରାର ମରିଥିଲେ। ରାମପୁର ଥାନା ଅନ୍ଧାରିବାଞ୍ଜିର ଅମିତ ପାତ୍ର ଏହି ଆକ୍ରମଣର ଶିକାର ହୋଇଛନ୍ତି। ପଣ୍ଡକିଟାଲସ୍ଥିତ ନିଜ ଦୋକାନ ବନ୍ଦ କରି ରାତି ୯ଟାରେ ସେ ଘରକୁ ଫେରୁଥିଲେ। ସୁଲେଇ ଛକରେ ପୂର୍ବରୁ ଛକି ବସିଥିବା ଦୁର୍ବୃତ୍ତମାନେ ହଠାତ ତାଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଅମିତ ସଂଜ୍ଞାହୀନ ହୋଇ ପଡିଯିବାରୁ ଜୀବନ ଚାଲିଗଲା ଭାବି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଚେତା ଫେରିବାରୁ ଅମିତ ପରିବାର ଲୋକଙ୍କୁ ଫୋନ କରିଥିଲେ। ସେମାନେ ଆସି ତାଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ଅମିତଙ୍କ ଭାଇ ଅଜିତ ଜିତ ପାତ୍ର ରାମପୁର ଥାନାରେ ଅନ୍ଧାରିବାଞ୍ଜି ଗ୍ରାମର ରମେଶ ସାହୁ, ସୁଲେଇ ଗ୍ରାମର ନରେଶ ସାହୁଙ୍କ ସମେତ ୫ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏକ ମାମଲା ରୁଜୁକରି ତଦନ୍ତ ଜାରି ରହିଥିବା ଥାନାଧିକାରୀ ବିନୋଦିନୀ ବରିହା ସୂଚନା ଦେଇଛନ୍ତି।

